ଓଡ଼ିଶା ସରକାର

# ସ୍ୱରାଷ୍ଟ୍ର ବିଭାଗର
# କାର୍ଯ୍ୟାବଳୀ ବିବରଣୀ
# 2004-2005

ସ୍ୱରାଷ୍ଟ୍ର ବିଭାଗ

# 2004-2005 ବର୍ଷରେ ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ

## ପ୍ରଥମ ଅଧ୍ୟାୟ

**ଉପକ୍ରମ :**

ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ, ଅପରାଧ ଅଭିଯୋଜନ, ଅଗ୍ନିଶମସେବା କାରାଗାର ପ୍ରଶାସନ ଇତ୍ୟାଦି ସ୍ୱରାଷ୍ଟ୍ର ବିଭାଗର ଦାୟିତ୍ୱ ପରିସରଭୁକ୍ତ । ଏତଦ୍‌ବ୍ୟତୀତ, ଓଡିଶା ସଚିବାଳୟ ସେବା, ସହାୟକ, ମୁଦ୍ରଲେଖକ, କ୍ଷିପ୍ରଲେଖକ ଓ ବ୍ୟକ୍ତିଗତ ସଚିବ ଏବଂ ସହାୟକମାନଙ୍କ କୋଠ ସଂବର୍ଗ *( Common Cadre )* ବିଷୟଗୁଡିକର ପ୍ରଶାସନ ସମ୍ବନ୍ଧୀୟ ତଥା ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ବାହିନୀ ସମ୍ପର୍କୀୟ କାର୍ଯ୍ୟ ସ୍ୱରାଷ୍ଟ୍ର ବିଭାଗର ଦାୟିତ୍ୱ । ସଂସଦ ଓ ରାଜ୍ୟ ବିଧାନସଭା ନିର୍ବାଚନ ପରିଚାଳନା କାର୍ଯ୍ୟ ସହିତ ସ୍ୱରାଷ୍ଟ୍ର ବିଭାଗ ନିବିଡଭାବେ ସମ୍ପୃକ୍ତ । ସାଧାରଣ ପ୍ରଶାସନ କ୍ଷେତ୍ରରେ ସାମରିକ ସାହାଯ୍ୟ ଆବଶ୍ୟକ ହେଲେ ଏବଂ ରାଜ୍ୟରେ ସାମରିକ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ପ୍ରତିରକ୍ଷା ବିଭାଗ ସହିତ ସ୍ୱରାଷ୍ଟ୍ର ବିଭାଗ ଯୋଗାଯୋଗ ଏବଂ ସମନ୍ୱୟ ରକ୍ଷା କରିଥାଏ । ରାଜ୍ୟର ପ୍ରୋଟୋକଲ, ନୂଆଦିଲ୍ଲୀରେ ଥିବା ଓଡିଶା ଭବନ ଓ ଓଡିଶା ନିବାସ ଏବଂ କୋଲକତାରେ ଥିବା ଉତ୍କଳ ଭବନ ଏବଂ ଭୁବନେଶ୍ୱରରେ ଥିବା ରାଜ୍ୟ ଅତିଥି ଭବନ ସ୍ୱରାଷ୍ଟ୍ର ବିଭାଗର ପ୍ରଶାସନିକ ନିୟନ୍ତ୍ରଣାଧୀନ ଅଟେ ।

## ଦ୍ୱିତୀୟ ଅଧ୍ୟାୟ

**2. ଆରକ୍ଷୀ ପ୍ରଶାସନ :**

**2.1 ଆଇନ ଶୃଙ୍ଖଳା ପରିସ୍ଥିତି :**

**2.1.1** ରାଜ୍ୟରେ *2004* ମସିହାରେ ଆଇନ ଶୃଙ୍ଖଳା ପରିସ୍ଥିତି ମୋଟା ମୋଟି ନିୟନ୍ତ୍ରଣାଧୀନ ଥିଲା । ଓଡିଶାର ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ ଓ ଉତ୍ତରାଞ୍ଚଳରେ ନକ୍ସଲପନ୍ଥୀ କାର୍ଯ୍ୟକଳାପ ଚିନ୍ତାର କାରଣ ହୋଇଥିଲେ ମଧ୍ୟ ଅନ୍ୟ ପଡୋଶୀ

ରାଜ୍ୟ ତୁଳନାରେ ଯଥେଷ୍ଟ କମ୍ ଥିଲା । ରାଜ୍ୟରେ ସର୍ବତ୍ର ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରହିଥିଲା । ବିଭିନ୍ନ ସମ୍ପ୍ରଦାୟର ମୁଖ୍ୟ ପର୍ବପର୍ବାଣୀ ଶାନ୍ତିଶୃଙ୍ଖଳା ସହିତ ପାଳିତ ହୋଇଥିଲା । ରାଜ୍ୟରେ କୌଣସି ବଡ ଧରଣର ଛାତ୍ର-ଅଶାନ୍ତି ହୋଇ ନଥିଲା ଏବଂ ଛାତ୍ର ସଂସଦ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ସମାହିତ ହୋଇଥିଲା ।

**2.1.2 ଶ୍ରମିକ ପରିସ୍ଥିତି :**

*2004* ମସିହାରେ ରାଜ୍ୟରେ ଶ୍ରମିକ ସଙ୍ଗଠନମାନଙ୍କ ଦ୍ୱାରା କୌଣସି ବଡ ଧରଣର ଆଇନ ଶୃଙ୍ଖଳା ପରିସ୍ଥିତି ଘଟିନାହିଁ । ଆନ୍ଦୋଳନ ତଥା ଧାରଣା, ରାସ୍ତାରୋକ ଏବଂ ଟ୍ରେଡ୍ ୟୁନିୟନ ଦ୍ୱାରା ସଙ୍ଗଠିତ ଶ୍ରମିକ ଅଶାନ୍ତିକୁ ସରକାର ସୁବିଚାର ସହିତ ସ୍ୱଳ୍ପ ସଂଖ୍ୟକ ଆରକ୍ଷୀ ବାହିନୀର ଉପଯୋଗ କରି ସମସ୍ୟାର ସମାଧାନ କରିଥିଲେ । ବିଭିନ୍ନ ସରକାରୀ କ୍ଷେତ୍ରରେ ସଂଯମ ଆଚରଣ ଦ୍ୱାରା କର୍ମଚାରୀ ସଙ୍ଘମାନଙ୍କଦ୍ୱାରା ଆଗତ ଅଭିଯୋଗକୁ ଉପଯୁକ୍ତ ସମୟରେ ବିଚାର କରି ଅପ୍ରୀତିକର ପରିସ୍ଥିତିକୁ ଏଡାଇ ଦିଆ ଯାଇଥିଲା ।

**2.1.3 ସାମ୍ପ୍ରଦାୟିକ ସଦ୍‌ଭାବ :**

ଦେଶର ଅନ୍ୟ ସ୍ଥାନମାନଙ୍କରେ ସାମ୍ପ୍ରଦାୟିକ ଉତ୍ତେଜନା ପରିଲକ୍ଷିତ ହୋଇଥିବା ସ୍ଥଳେ ରାଜ୍ୟରେ ସାମ୍ପ୍ରଦାୟିକ ପରିସ୍ଥିତି ମୋଟା ମୋଟି ନିୟନ୍ତ୍ରଣାଧୀନ ଥିଲା । ବିଭିନ୍ନ ସମ୍ପ୍ରଦାୟର ପର୍ବପର୍ବାଣୀ ପାରମ୍ପରିକ ରୀତିରେ ଶାନ୍ତି ଶୃଙ୍ଖଳାର ସହିତ ପାଳିତ ହୋଇଥିଲା । *2004* ମସିହାରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ *44* ଥର ଓ ହିନ୍ଦୁ ଓ ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ *16* ଥର ସାମ୍ପ୍ରଦାୟିକ ଉତ୍ତେଜନାମୂଳକ ଘଟଣା ଘଟିଥିବା ସ୍ଥଳେ *2003* ମସିହାରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ *46* ଥର ଏବଂ ହିନ୍ଦୁ ଓ ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ *22* ଥର ସାମ୍ପ୍ରଦାୟିକ ଉତ୍ତେଜନାମୂଳକ ଘଟଣା ଉପୁଜିଥିଲା ।

**2.1.4 ବାମପନ୍ଥୀ ଉଗ୍ରବାଦ :**

**i)** ରାଜ୍ୟରେ ଓଡିଶାର ଦକ୍ଷିଣ ଓ ଉତ୍ତର ଭାଗରେ ବାମପନ୍ଥୀ ସନ୍ତ୍ରାସବାଦୀ ମାନଙ୍କର କାର୍ଯ୍ୟକଳାପ ଚିନ୍ତାର ବିଷୟ ହୋଇଛି । ବାମପନ୍ଥୀ ସନ୍ତ୍ରାସବାଦୀ *( CPML-PW & MCCI )* ଏକତ୍ର ହୋଇ ମାଓବାଦୀ ସଂଗଠନ ଭାବେ ସଂଗଠିତ ହୋଇଛନ୍ତି ।

**ii)** ଏହି ମାଓବାଦୀ ସନ୍ତ୍ରାସବାଦୀ ଗ୍ରାମ୍ୟ ସ୍ତରରେ ସଭାମାନ କରି ଆଦିବାସୀ ଯୁବକମାନଙ୍କୁ ସଂଗଠନରେ ଯୋଗ ଦେବାପାଇଁ ପ୍ରଭାବିତ କରୁଛନ୍ତି । ଆଦିବାସୀ ଲିବରେସନ୍ ଟାଇଗର ନାମରେ କାଲିମେଳା ଅଞ୍ଚଳରେ ଏକ ସଂଗଠନ କରି ଆରକ୍ଷୀ ସଂସ୍ଥା ତଥା ପୋଲିସ୍ ପ୍ରଶାସନକୁ ତଥ୍ୟ ଯୋଗାଉଥିବା ବ୍ୟକ୍ତି ବିଶେଷ ଓ ରାଜନୈତିକ ବ୍ୟକ୍ତି ମାନଙ୍କୁ ଆକ୍ରମଣ କରିବାପାଇଁ ଯୋଜନା କରୁଛନ୍ତି ।

ତା.*25.01.2005* ରିଖରେ ପ୍ରାୟ *50* ଜଣ ମାଓବାଦୀ ସନ୍ତ୍ରାସବାଦୀ ତାଙ୍କର ଆଞ୍ଚଳିକ ସହଯୋଗକାରୀ ମାନଙ୍କ ସହିତ ମାଲକାନଗିରି ଜିଲ୍ଲାର କାଲିମେଳା ଥାନା ଅନ୍ତର୍ଗତ ଭିଜିଙ୍ଗୱାଡା ଗ୍ରାମର ଶ୍ରୀ କନ୍ତାରୁ ପ୍ରଧାନ ( କଣ୍ଟ୍ରାକ୍ଟର )ଙ୍କ ଘର ଉପରେ ଆକ୍ରମଣ କରିଥିଲେ । ତା.*29.01.2005*ରିଖ ରେ ସେମାନେ **MPV-21** ର ଶ୍ରୀ ବିଷ୍ଣୁଭଦ୍ରଙ୍କୁ ଆକ୍ରମଣ କରି ତାଙ୍କର କମାଣ୍ଡର ଜିପ୍ କୁ ଜାଳିଦେଇଥିଲେ ଏବଂ ତାଙ୍କର ଶସ୍ୟ ତଥା ମୂଲ୍ୟବାନ ପଦାର୍ଥ ଲୁଟିନେଇଥିଲେ ।

**iii)** ସୁନ୍ଦରଗଡ ଜିଲ୍ଲାର କେ. ବଲାଙ୍ଗ ଥାନା ଅନ୍ତର୍ଗତ ବଡା-ରକ୍ସି ଓ ବାଙ୍କୁ ଗ୍ରାମ ସୀମା ମଧ୍ୟରେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ, ଯଦ୍ଦ୍ୱାରା ବଣାଇ ମଣ୍ଡଳ ଆରକ୍ଷୀ ନିରୀକ୍ଷକ ଏହି ଆକ୍ରମଣରେ ଆହତ ହୋଇଥିଲେ ।

**iv)** ତା.*11.01.2005*ରିଖ ରେ କିସିନ୍ଦା-ମେଘପାଳ ରାସ୍ତାରେ ଥିବା ଏକ 'ଡାବା' ଉପରେ ମାଓବାଦୀ ସନ୍ତ୍ରାସବାଦୀ ମାନେ ଆକ୍ରମଣ କରିଥିଲେ ।

**v)** ଅନେକ ବାମପନ୍ଥୀ ସନ୍ତ୍ରାସବାଦୀ ଓ ଆଦିବାସୀ ସଂଗ୍ରାମୀ ଦଳ ଏକତ୍ରିତ ହୋଇ 'ଦେଶପ୍ରେମୀ ଜନସାମୁଖ୍ୟ' ନାମରେ ଭୁବନେଶ୍ୱର ଠାରେ ତା. *21.07.2004* ରିଖରେ ସମ୍ମିଳିତ ହୋଇ ସାଧାରଣ ଲୋକଙ୍କୁ ତାଙ୍କର ଜମି, ବାସଗୃହ ଓ ଜିବିକାରୁ ବଞ୍ଚିତ କରିଥିବା ନେଇ ସରକାରଙ୍କ ବିରୋଧାଚରଣ କରିଥିଲେ । ନକ୍ସଲ ସମର୍ଥିତ ଦଳମାନେ 'ଦମନ ପ୍ରତିରୋଧ ମଞ୍ଚ' ହିସାବ ରେ ଏକତ୍ରିତ ହୋଇ ଭୁବନେଶ୍ୱର ଠାରେ ତା.*14.09.2004*ରିଖରେ ଏକ ର୍‍ୟାଲି ସଂଗଠିତ କରିଥିଲେ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ *11* ଦଫା ସମ୍ବଳିତ ଦାବୀପତ୍ର, ଯଥା କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ବାହିନୀଙ୍କୁ ପ୍ରତ୍ୟାହାର କରିବା, ଓଡିଶାରେ ନକ୍ସଲ ଦମନ କାର୍ଯ୍ୟକ୍ରମରେ ଆନ୍ଧ୍ର ପ୍ରଦେଶ ଓ ଝାଡଖଣ୍ଡ ପୋଲିସ୍‌ର ହସ୍ତକ୍ଷେପ ନକରିବା ଆଦି ଦାବୀମାନ ପ୍ରଦାନ କରିଥିଲେ ।

**vi)** ବାମପନ୍ଥୀ ସନ୍ତ୍ରାସବାଦୀ ମାନଙ୍କ ମତାମତକୁ ସରକାର ବିଚାରକୁ ନେଇ, ନକ୍ସଲ ସମାସ୍ୟାକୁ ନିୟନ୍ତ୍ରଣ କରିବାପାଇଁ ଦ୍ୱିପାକ୍ଷିକ ନୀତି ଅବଲମ୍ବନ କରିଛନ୍ତି । ଏକପକ୍ଷରେ କେନ୍ଦ୍ର ସରକାରଙ୍କ ଆଧୁନିକୀକରଣ ଯୋଜନା ଓ ରାଜ୍ୟ ସରକାରଙ୍କ ସମ୍ବଳରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଅଛି / କରାଯାଉଅଛି ଏବଂ ଅପରପକ୍ଷରେ ଆଦିବାସୀ ବହୁଳ ଅଞ୍ଚଳ ମାନଙ୍କରେ ପ୍ରଗତିର ଧାରାକୁ ତ୍ୱରାନ୍ୱିତ କରିବାପାଇଁ ପ୍ରଚେଷ୍ଟା ଜାରି ରହିଅଛି । ନକ୍ସଲ ସମାସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ମଧ୍ୟ ବିଭିନ୍ନ ନକ୍ସଲ ସଂଗଠନ ସହିତ ଆଲୋଚନା ପାଇଁ ରାଜ୍ୟ ସରକାର ତାଙ୍କର ଉଦ୍ୟମ କରୁଛନ୍ତି । କିନ୍ତୁ ନକ୍ସଲପନ୍ଥୀମାନେ ସେମାନଙ୍କ ତରଫରୁ କୌଣସି ସହଯୋଗ ମନୋଭାବ ପୋଷଣ କରୁନାହାଁନ୍ତି ।

**vii)** ଆଦିବାସୀମାନେ ଅଯଥାରେ ହଇରାଣ ନହେବାପାଇଁ ସେମାନଙ୍କ ଉପରେ ଭାରତୀୟ ପିଙ୍ଗଳ କୋର୍ଡ ଅନୁଯାୟୀ ହୋଇଥିବା *2531* ଗୋଟି ମୋକଦମାକୁ ମଧ୍ୟ ରାଜ୍ୟ ସରକାର ପ୍ରତ୍ୟାହାର କରିନେଇଛନ୍ତି ।

## 2.2 ଅପରାଧ ପରିସ୍ଥିତି:

***2.2.1*** ରାଜ୍ୟରେ *2002* ମସିହାରେ *58,858* ଟି, *2003* ମସିହାରେ *58,923*ଟି ଧର୍ତ୍ତବ୍ୟ ଅପରାଧ ଘଟିଥିବା ବେଳେ *2004* ମସିହାରେ *62,507*ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜୀକୃତ ହୋଇଥିଲା । *2003* ମସିହା ତୁଳନାରେ *2004* ମସିହାରେ ଅପରାଧ ପଞ୍ଜୀକୃତ ହାର ସାମାନ୍ୟ ଅଧିକ ହୋଇଅଛି ।

**2.2.2** ଧର୍ତ୍ତବ୍ୟ ଅପରାଧର ଏକ ତୁଳନାତ୍ମକ ବିବରଣୀ ନିମ୍ନଲିଖିତ ସାରଣୀରେ ପ୍ରଦତ୍ତ ହେଲା :

| କ୍ରମିକ ସଂଖ୍ୟା | ଅପରାଧ ଶୀର୍ଷ | ରିପୋର୍ଟ ହୋଇଥିବା ଅପରାଧ | | ଶତକଡା ବୃଦ୍ଧି।ହ୍ରାସ 2003 | ଅଭିଯୋଗ ଫର୍ଦ୍ଦ ଦାଖଲ | ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତି ହେଉଥିବା ମାମଲା | ସଂଧାନ ର ଶତକଡା ହାର |
|---|---|---|---|---|---|---|---|
| | | 2003 | 2004 | | | | |
| (1) | (2) | (3) | (4) | (5) | (6) | (7) | (8) |
| 1. | ଧର୍ତ୍ତବ୍ୟ ଅପରାଧ | 58,923 | 62,507 | (+) 6.00 | 46,843 | 7,050 | 88.4 |
| 2. | ହତ୍ୟା | 1,044 | 1,066 | (+) 2.1 | 598 | 312 | 88.6 |
| 3. | ଡକାୟତି | 208 | 238 | (+) 14.4 | 106 | 80 | 79.4 |
| 4. | ଦସ୍ୟୁତା | 875 | 952 | (+) 8.8 | 526 | 134 | 71.4 |
| 5. | ସିନ୍ଧିଚୋରି | 2,961 | 2,992 | (+) 1.04 | 1,090 | 139 | 43.7 |
| 6. | ଚୋରି | 5,359 | 5,967 | (+) 11.39 | 2,780 | 448 | 55.7 |
| 7. | ଠକେଇ | 937 | 805 | (-) 14.08 | 338 | 227 | 75.1 |
| 8. | ଦଙ୍ଗା | 1,408 | 1,433 | (+) 1.77 | 918 | 401 | 94.9 |
| 9. | ଧର୍ଷଣ | 725 | 770 | (+) 6.2 | 444 | 261 | 94.8 |
| 10. | ଯାନବାହନ ଦୁର୍ଘଟଣା | 6,675 | 7,278 | (+) 9.03 | 5,520 | 1070 | 91.2 |

## 2.3 ରାଜ୍ୟ ଆରକ୍ଷୀ ବାହିନୀର ଆଧୁନିକୀକରଣ :

**2.3.1** *1969-70* ମସିହାଠାରୁ କେନ୍ଦ୍ରୀୟ ପ୍ରଯୋଜିତ କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟ ଆରକ୍ଷୀବାହିନୀଙ୍କ ଆଧୁନିକୀକରଣ କାର୍ଯ୍ୟ କରାଯାଉଅଛି । ପ୍ରଚଳିତ ନିୟମ ଅନୁସାରେ ଏହାର ବ୍ୟୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ *60:40* ଅନୁପାତରେ ବହନ କରିବାକୁ ପଡିଥାଏ; *2003-2004* ମସିହାଠାରୁ ଏହାର ଆନୁପାତିକ ହାର *50:50* ।

**2.3.2** *2004-2005* ଆର୍ଥିକ ବର୍ଷରେ କେନ୍ଦ୍ରୀୟ ସହାୟତା ବାବଦରେ *21* କୋଟି ମଧ୍ୟରୁ *17.84* କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ମିଳିଅଛି । ଏଥି ନିମନ୍ତେ ରାଜ୍ୟ ସରକାରଙ୍କର ଭାଗ *14* କୋଟି ଟଙ୍କା ।

**2.4 ଫୋରେନ୍‌ସିକ୍ ବିଜ୍ଞାନାଗାର :**

**2.4.1** ଫୋରେନ୍‌ସିକ୍ ବିଜ୍ଞାନାଗାରରେ ତ୍ରିସ୍ତରୀୟ ପ୍ରଶାସନିକ ବ୍ୟବସ୍ଥା ରହିଛି । ପ୍ରଥମ ସ୍ତରରେ ଭୁବନେଶ୍ୱରଠାରେ ଏକ ରାଜ୍ୟ ଫୋରେନ୍‌ସିକ୍ ବିଜ୍ଞାନାଗାର ଓ ସମ୍ବଲପୁର ଏବଂ ବ୍ରହ୍ମପୁରଠାରେ ଆଉ ଦୁଇଟି ଆଞ୍ଚଳିକ ଫୋରେନ୍‌ସିକ୍ ବିଜ୍ଞାନାଗାର ରହିଅଛି । ଦ୍ୱିତୀୟ ସ୍ତରରେ *13*ଟି ଅବିଭକ୍ତ ଜିଲ୍ଲାରେ ଗୋଟିଏ ଲେଖାଏଁ ଏବଂ ଭୁବନେଶ୍ୱର ଓ ରାଉରକେଲା ପୋଲିସ୍ ଜିଲ୍ଲାରେ ଗୋଟିଏ ଲେଖାଏଁ, ଏହିପରି *15*ଟି ଜିଲ୍ଲାସ୍ତରୀୟ ଫୋରେନ୍‌ସିକ୍ ବିଜ୍ଞାନାଗାର ରହିଛି । ପ୍ରତ୍ୟେକ ଜିଲ୍ଲା ଏବଂ *S.R.P.* କଟକ ଓ ରାଉରକେଲାକୁ ମିଶାଇ ମୋଟ *34*ଟି ଭ୍ରାମ୍ୟମାଣ ଫୋରେନ୍‌ସିକ୍ ବିଜ୍ଞାନାଗାର କରାଯିବାର ଯୋଜନା ରହିଛି । *2004* ବର୍ଷରେ ଏହି ଫୋରେନ୍‌ସିକ୍ ବିଜ୍ଞାନଗାରଗୁଡିକ *8,284*ଟି ମାମଲାରେ *44,782*ଟି ପରୀକ୍ଷା କରିଛନ୍ତି । ଏତଦ୍ ବ୍ୟତୀତ *2004* ମସିହାରେ *195* ଜଣ ଆରକ୍ଷୀ କର୍ମଚାରୀ, *16* ଜଣ ଓଡିଶା ଆଇନସେବା ଅଧିକାରୀ, କଟକସ୍ଥିତ ମେଡିକାଲ କଲେଜର *2* ଜଣ ସ୍ନାତକ ଛାତ୍ର, ଆଇ.ସି.ଏଫ.ଏ.ଆଇ.ର *8* ଜଣ ଆଇନ ଛାତ୍ର *2004* ମସିହାରେ ରାଜ୍ୟସ୍ତରୀୟ *52*ତମ ଆରକ୍ଷୀ କର୍ତ୍ତବ୍ୟ ମେଳାରେ ଭାଗ ନେଇଥିବା *29* ଜଣ ଅଧିକାରୀ ଏବଂ *47*ତମ ଓ *48*ତମ କେନ୍ଦ୍ରସ୍ତରୀୟ କର୍ତ୍ତବ୍ୟ ମେଳାରେ ଭାଗ ନେଇଥିବା ଅଧିକାରୀଗଣ ରାଜ୍ୟ ଫୋରେନ୍‌ସିକ୍ ବିଜ୍ଞାନାଗାରରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇଛନ୍ତି ।

**2.5 କମ୍ପ୍ୟୁଟର :**

**2.5.1** *1994* ମସିହାରେ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ଜାତୀୟ ଅପରାଧ ପଞ୍ଜୀକରଣ ସଂସ୍ଥାଙ୍କ ସାହାଯ୍ୟରେ ଅପରାଧ ଅନୁସନ୍ଧାନ ପଦ୍ଧତି ଆରମ୍ଭ କରାଯାଇଥିଲା । *2000* ମସିହାଠାରୁ ରାଜ୍ୟ ଅପରାଧ ପଞ୍ଜୀକରଣ ସଂସ୍ଥା ଏବଂ *34*ଟି ଆରକ୍ଷୀ ଜିଲ୍ଲାକୁ ଟେଲିଫୋନ ଓ ଇଣ୍ଟରନେଟ୍ ସହିତ ଯୋଗାଯୋଗ ସୁବିଧା ଥିବା କମ୍ପ୍ୟୁଟର ଯୋଗାଇ ଦିଆଯାଇଛି । ଏହି ଯୋଗାଯୋଗ ସୁବିଧା ଦ୍ୱାରା ଜିଲ୍ଲା ଅପରାଧ ପଞ୍ଜୀକରଣ ସଂସ୍ଥାରେ ପଞ୍ଜୀକୃତ ତଥ୍ୟକୁ ରାଜ୍ୟ ଅପରାଧ ପଞ୍ଜୀକରଣ ସଂସ୍ଥାକୁ ପ୍ରେରଣ କରାଯାଉଅଛି । ଜିଲ୍ଲାସ୍ତରୀୟ ଅପରାଧ ପଞ୍ଜୀକରଣ ସଂସ୍ଥାର ସମସ୍ତ ଫଟୋବ୍ୟୁରୋ ଅଧିକାରୀଙ୍କୁ ରାଜ୍ୟ ଅପରାଧ ପଞ୍ଜୀକରଣ ସଂସ୍ଥାରେ କମ୍ପ୍ୟୁଟର ଚିତ୍ର ପ୍ରସ୍ତୁତିପ୍ରଣାଳୀ ବିଷୟରେ ପ୍ରଶିକ୍ଷଣ

ଦିଆଯାଇଛି, ଯଦ୍ୱାରାକି ସେମାନେ ଅପରାଧୀଙ୍କର କମ୍ପ୍ୟୁଟର ଚିତ୍ର ପ୍ରସ୍ତୁତ କରିପାରିବେ । ଦିଆଯାଇଥିବା କମ୍ପ୍ୟୁଟର ଗୁଡିକ ପୁରୁଣା ହୋଇଯାଇଥିବାରୁ ନୂତନ କମ୍ପ୍ୟୁଟର ଯୋଗାଇବାପାଇଁ ପ୍ରୟାସ କରାଯାଉଛି ।

## *2.6* ଅଙ୍ଗୁଳିଛାପ ବ୍ୟୁରୋ :

**2.6.1** ଅଙ୍ଗୁଳିଛାପ ବ୍ୟୁରୋ *47,960* ଜଣ ଅପରାଧୀଙ୍କର ଅଙ୍ଗୁଳିଛାପ ରେକର୍ଡ କରିଅଛି । ସଂଗୃହୀତ ହୋଇଥିବା *11,479*ଟି ଅପରିଚିତ ଅପରାଧୀଙ୍କର ଅଙ୍ଗୁଳି ଓ ପାଦଚିହ୍ନ ମଧ୍ୟରୁ *179*ଜଣ ଅପରାଧୀଙ୍କୁ ଚିହ୍ନଟ କରାଯାଇଥିଲା । ଅଙ୍ଗୁଳିଛାପ ସଂସ୍ଥାରେ *58*ଜଣ ଆରକ୍ଷୀ ଅଧିକାରୀ ଏହିବର୍ଷ ମଧ୍ୟରେ ପ୍ରଶିକ୍ଷଣ ନେଇଛନ୍ତି । *15*ଟି ଦେୱାନୀ ମାମଲାରୁ ଅଙ୍ଗୁଳିଛାପ ପରୀକ୍ଷା ବାବଦକୁ *5,105* ଟଙ୍କା ଆଦାୟ କରାଯାଇଥିଲା । *39421*ଜଣ ଅପରାଧୀଙ୍କର ଅଙ୍ଗୁଳି ଚିହ୍ନକୁ କମ୍ପ୍ୟୁଟରୀ କରଣ କରାଯାଇଅଛି ।

## 2.7 ହସ୍ତଲିପି ବ୍ୟୁରୋ :

**2.7.1** *2004-2005* ବର୍ଷରେ ହସ୍ତଲିପି ବ୍ୟୁରୋ *254*ଟି ମାମଲାରେ *32,939*ଟି ହସ୍ତାକ୍ଷର ପରୀକ୍ଷା କରିଅଛି । ନ୍ୟାୟାଳୟ ଓ ବିଭିନ୍ନ ବିଭାଗରୁ ପ୍ରାପ୍ତ *22*ଟି ମାମଲାରେ ବିଶେଷଜ୍ଞମାନେ ଚୂଡାନ୍ତ ମତାମତ ପ୍ରଦାନ କରିଛନ୍ତି । ଫିଂସ୍ ବାବଦରେ *7,750* ଟଙ୍କା ରାଜସ୍ୱ ଆଦାୟ କରାଯାଇଛି ।

## *2.8* ଫଟୋ ବ୍ୟୁରୋ :

**2.8.1** ଫଟୋ ବ୍ୟୁରୋ *1,877*ଟି ଅଙ୍ଗୁଳିଛାପ ଏବଂ *20,923*ଟି ଦଲିଲ ଓ ୧୬୬ ଟି ହାତଲେଖା ଦଲିଲ୍ ଫଟୋଚିତ୍ର ପ୍ରସ୍ତୁତ କରିଅଛି । ଏହି ବ୍ୟୁରୋ *28*ଜଣ ଅପରାଧୀଙ୍କର *141*ଟି ଫଟୋ ମଧ୍ୟ ପ୍ରସ୍ତୁତ କରିଛି । ଏହି ସଂସ୍ଥା *2*ଜଣ ଅଭିଯୁକ୍ତ ବ୍ୟକ୍ତିଙ୍କ ବୟାନ ଲିପିବଦ୍ଧ କରିବାରେ ଅନୁସନ୍ଧାନକାରୀ ଅଧିକାରୀମାନଙ୍କୁ ସହାୟତା ଯୋଗାଇଥିଲା ଏବଂ *2* ଜଣ ସନ୍ଦେହୀ ଅପରାଧୀଙ୍କର କମ୍ପ୍ୟୁଟରଭିତ୍ତିକ ଫଟୋଚିତ୍ର ମଧ୍ୟ ପ୍ରସ୍ତୁତ କରିଥିଲା । *2004* ବର୍ଷରେ *67*ଜଣ ପୋଲିସ୍ କର୍ମଚାରୀ ଏହି ଫଟୋ ବ୍ୟୁରୋ ପ୍ରଶିକ୍ଷଣ ଲାଭ କରିଥିଲେ । *107* ପୋଲିସ୍ କର୍ମଚାରୀ ଓ *7462* ରାଜ୍ୟ ସଚିବାଳୟ କର୍ମଚାରୀଙ୍କ ଫଟୋ ପରିଚୟ ପତ୍ର ପ୍ରସ୍ତୁତ

କରାଯାଇଥିଲା । *V.I.P.* ଏବଂ *V.V.I.P* ଗସ୍ତ ସମୟରେ *32*ଟି ସ୍ଥାନରେ ଫଟୋଚିତ୍ର ଗ୍ରହଣ କରାଯାଇଥିଲା

**2.9 ଶ୍ୱାନ ବାହିନୀ :**

**2.9.1** *1962* ମସିହାରୁ ରାଜ୍ୟ ଅପରାଧ ଅନୁସନ୍ଧାନ ଶାଖା ଅଧୀନରେ ଶ୍ୱାନ ବାହିନୀ କାର୍ଯ୍ୟ କରୁଅଛି । *625*ଟି ମାମଲାରେ ସନ୍ଧାନୀ ଶ୍ୱାନମାନଙ୍କୁ ବ୍ୟବହାର କରାଯାଇ ଥିଲା । ଏଥିମଧ୍ୟରୁ *321*ଟିରେ ସୂଚନା ପ୍ରଦାନ କରାଯାଇଥିଲା । ଶ୍ୱାନମାନଙ୍କୁ ବିସ୍ଫୋରକ ସାମଗ୍ରୀ ଓ ମାଦକ ଦ୍ରବ୍ୟର ଅନୁସନ୍ଧାନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିବା ନିମନ୍ତେ ତାଲିମ ପ୍ରଦାନ କରାଯାଇଅଛି ।

**2.10 ସିଗ୍‌ନାଲ :**

**2.10.1** ପିପୁଲ୍‌ସ୍ ୱାର୍ ଗ୍ରୁପ୍ (*PWG*)ର କାର୍ଯ୍ୟକଳାପକୁ ହ୍ରାସ କରିବା ନିମନ୍ତେ ମାଲକାନଗିରି ଜିଲ୍ଲାରେ *6*ଟି ଉଚ୍ଚ କ୍ଷମତା ସଂପନ୍ନ ରେଡିଓ ଟେଲିଫୋନ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଥାନାରେ ଥିବା ଗାଡିରେ *23*ଟି ସ୍ଥିତିଶୀଳ ଏବଂ *39*ଟି ଗତିଶୀଳ ଭି.ଏଚ୍.ଏଫ୍. ସେଟ୍ ଖଞ୍ଜାଯାଇଛି । ପ୍ରଳୟଙ୍କରୀ ବନ୍ୟା ପ୍ଲାବିତ ଅଞ୍ଚଳରେ ଯୋଗାଯୋଗ ରକ୍ଷା କରିବା ପାଇଁ *27* ଟି ଏଚ୍. ଏଫ୍. ଏବଂ ଭି.ଏଚ୍.ଏଫ୍ କେନ୍ଦ୍ର ସ୍ଥାପନ କରାଯାଇଛି । ଏହା ବ୍ୟତୀତ ବିଶିଷ୍ଟ ବ୍ୟକ୍ତି ଓ ଅତି ବିଶିଷ୍ଟ ବ୍ୟକ୍ତିଙ୍କ ଗସ୍ତ, ଉପ ନିର୍ବାଚନ, ସାଧାରଣ ସଭା ଏବଂ ପର୍ବପର୍ବାଣୀ ସମୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ରକ୍ଷା କରିବାପାଇଁ *4,231*ଟି ଗତିଶୀଳ ଭି.ଏଚ୍.ଏଫ୍. ସେଟ୍ ଏବଂ *1990*ଟି ୱାକି ଟକି ନିୟୋଜନ କରାଯାଇଥିଲା । *2004-2005* ମସିହାରେ *53,20,120*ଟି ବାର୍ତ୍ତା ବିଭିନ୍ନ ପ୍ରକାର ଯୋଗାଯୋଗ ପ୍ରଣାଳୀ ଦ୍ୱାରା ପ୍ରେରିତ ହୋଇଛି । ପାରା ମାଧ୍ୟମରେ ମଧ୍ୟ ଯୋଗାଯୋଗ ସ୍ଥାପନ କରିବା ପ୍ରଥାର ପ୍ରଚଳନ ରହିଛି । ଏହି ପୁରାତନ ପ୍ରଥାକୁ ବନ୍ଦ କରିବା ପ୍ରସ୍ତାବ ବିଚାରାଧୀନ ଅଛି ।

**2.11 ପୋଲିସ୍ ମୋଟର ପରିବହନ:**

**2.11.1** ରାଜ୍ୟ ଆରକ୍ଷୀ ବାହିନୀ ଅଧୀନରେ ଥିବା *2606* ସଂଖ୍ୟକ ଯାନ (ଭାରିଯାନ-*202*ଟି, ମଧ୍ୟମ ଯାନ-*364*ଟି, ହାଲୁକା ଯାନ-*1300*ଟି ଏବଂ

ମୋଟର ସାଇକେଲ-*740*ଟି ) ରହିଛି । କଟକଠାରେ ଥିବା ପୋଲିସ୍ ପରିବହନ ସଂସ୍ଥା ନୂତନ ଯାନକ୍ରୟ, ଏହାର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇଥାଏ । ଏହା ବ୍ୟତୀତ ସମ୍ବଲପୁର ଏବଂ ବ୍ରହ୍ମପୁରଠାରେ *2*ଟି ରେଞ୍ଜ୍ ସ୍ତରୀୟ ମରାମତି କେନ୍ଦ୍ର, ରାଉରକେଲା ଓ କୋରାପୁଟଠାରେ *2*ଟି ଆଞ୍ଚଳିକ ମରାମତି କେନ୍ଦ୍ର ଏବଂ ଜିଲ୍ଲା ଓ ବାଟାଲିୟନ ସ୍ତରରେ *17*ଟି ମରାମତି କେନ୍ଦ୍ର ସ୍ଥାପିତ ହୋଇଛି । *2004* ବର୍ଷରେ *67,078*ଟି ବଡଧରଣର ଏବଂ *1,11,810*ଟି ଛୋଟ ଧରଣର ମରାମତି କାର୍ଯ୍ୟ କରାଯାଇଛି । ଆରକ୍ଷୀ ମୋଟର ପରିବହନ ତାଲିମ ପ୍ରତିଷ୍ଠାନରେ *2004-2005* ମସିହାରେ *167*ଜଣ ପୋଲିସ୍ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି ।

**2.12 ଓଡିଶା ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ :**

**2.12.1** ଓଡିଶା ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ତା *24.05.1980*ରିଖରେ ପଞ୍ଜୀକୃତ ହୋଇଅଛି । ଆରକ୍ଷୀ ବିଭାଗର ବିଭିନ୍ନ ନିର୍ମାଣ କାମ କରି ନିଗମ ସୁନାମ ଅର୍ଜନ କରିଅଛି । *2003* ମସିହାରେ ଏହି ନିଗମ *9,459* ଟି ଆବାସିକ ଗୃହ ଓ *1,340*ଟି ଅନ୍ୟାନ୍ୟ ଗୃହ ନିର୍ମାଣ କରିଅଛି । *2004* ମସିହାରେ ଏହି ନିଗମ *493* ଟି ଆବାସିକ ଗୃହ, *8* ଗୋଟି ଥାନାଗୃହ, *25* ଗୋଟି ଅଗ୍ନିଶମ ସେବାଗୃହ, *20* ଗୋଟି କାରାଗାର ଗୃହ ଓ *20* ଗୋଟି ଫାଷ୍ଟଟ୍ରାକ୍ ବିଚାରାଳୟ ଗୃହ ନିର୍ମାଣ କରିଛି । ଅଧୁନା ଏହି ନିଗମ ଦ୍ୱାରା ଆରକ୍ଷୀ ବିଭାଗର *928* ଗୋଟି କାରାଗାର ପ୍ରକଳ୍ପର ଗୃହ ଓ *68* ଗୋଟି ଅଗ୍ନିଶମ ସେବା ଗୃହ, *498* ଗୋଟି କାରାଗାର ପ୍ରକଳ୍ପର ଗୃହ ଓ *48* ଗୋଟି ଫାଷ୍ଟଟ୍ରାକ୍ ବିଚାରାଳୟ ଗୃହର ନିର୍ମାଣ କାର୍ଯ୍ୟକୁ ଯୁଦ୍ଧ କାଳିନ ଭିତ୍ତିରେ ଜାରି ରଖିଛି ।

**2.12.2** ଅନୁଗୁଳସ୍ଥିତ ବାଳ ଅପରାଧୀ କାରାଗାର, ବ୍ରହ୍ମପୁର ମଣ୍ଡଳ କାରାଗାର, ରାଉରକେଲାସ୍ଥିତ ସ୍ୱତନ୍ତ୍ର କାରାଗାର ଏବଂ ଚମ୍ପୁଆ ଉପ କାରାଗାରରେ *120* କ୍ଷମତା ବିଶିଷ୍ଟ ବନ୍ଦୀଗୃହ, ଝାରସୁଗୁଡା ଉପକାରାଗାର ଓ ବଣାଇଗଡ ଉପକାରାଗାର *60* କ୍ଷମତା ବିଶିଷ୍ଟ ବନ୍ଦୀଗୃହ ଚୌଦ୍ୱାର ମଣ୍ଡଳ କାରାଗାରର ଅତିରିକ୍ତ ଚିକିତ୍ସା ଗୃହ, କେନ୍ଦୁଝର ଜିଲ୍ଲା କାରାଗାର କର୍ମଶାଳା (Workshop) ଓ ଦେଓଗଡ ସ୍ୱତନ୍ତ୍ର କାରାଗାରର ବାହ୍ୟ ପ୍ରାଚିର ନିର୍ମାଣ କାର୍ଯ୍ୟ ଏହି ନିଗମକୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟପାଇଁ *136.39* ଲକ୍ଷ ଟଙ୍କା

ଏକାଦଶ ଅର୍ଥ କମିଶନଙ୍କ ଅନୁଦାନରୁ ଆବଣ୍ଟନ ହୋଇଛି ଏବଂ ଏହି ଅର୍ଥ ସମ୍ପୂର୍ଣ୍ଣ ବ୍ୟୟ କରାଯାଇଛି ।

**2.12.3** ସୋହେଲା, ଖଡିଆଳ, ବିଷମ କଟକ, ବଡବିଲ ଓ ବାଣପୁର ଠାରେ *5* ଗୋଟି ନୂତନ ଉପକାରାଗାର ଗୃହ, *100* କ୍ଷମତା ବିଶିଷ୍ଟ *5* ଗୋଟି ଅତିରିକ୍ତ ବନ୍ଦୀଗୃହ ଯଥା- ମଣ୍ଡଳ କାରାଗାର ଚୌଦ୍ୱାର, ବଲାଙ୍ଗିର ଜିଲ୍ଲା କାରାଗାର, ଢେଙ୍କାନାଳ ଜିଲ୍ଲା କାରାଗାର, ସୁନ୍ଦରଗଡ ଜିଲ୍ଲା କାରାଗାର, ମାଲକାନଗିରି ଉପକାରାଗାର, *50* ଅତିରିକ୍ତ କ୍ଷମତା ବିଶିଷ୍ଟ ବନ୍ଦୀଗୃହ ଉପକାରାଗାର ଜୟପୁର, ରାୟଗଡାସ୍ଥିତ ଉପକାରାଗାରର *40* ଅତିରିକ୍ତ କ୍ଷମତା ବିଶିଷ୍ଟ ବନ୍ଦୀଗୃହ, ଟିଟିଲାଗଡସ୍ଥିତ *90* ଅତିରିକ୍ତ କ୍ଷମତା ବିଶିଷ୍ଟ ବନ୍ଦୀଗୃହ, *12*ଟି 'ଡି' ଟାଇପ୍, *97*ଟି 'ଇ' ଟାଇପ୍ ଓ *145*ଟି 'ଏଫ୍' ଟାଇପ୍ ବାସଗୃହ ନିର୍ମାଣ ପାଇଁ କେନ୍ଦ୍ରୀୟ ପ୍ରବର୍ତ୍ତିତ (ଅଣ-ଯୋଜନା) ପ୍ରକଳ୍ପରେ ଆକଳିତ *2147* ଲକ୍ଷ ଟଙ୍କା *2003-2004* ମସିହାରେ ନିଗମକୁ ଆବଣ୍ଟନ କରାଯାଇଅଛି । ଏଥି ମଧ୍ୟରୁ ତା. *31.12.2004* ରିଖ ସୁଦ୍ଧା *11.92* ଲକ୍ଷ ଟଙ୍କା ଉପଯୋଗ କରାଯାଇଛି ।

**2.12.4** ସୋର ଓ କୋଟପାଡ ଠାରେ ନୂତନ ଉପକାରାଗାର ଗୃହ, ସମ୍ବଲପୁରସ୍ଥିତ ମଣ୍ଡଳ କାରାଗାର, ବାଲେଶ୍ୱର ଜିଲ୍ଲା କାରାଗାର, କେନ୍ଦୁଝର ଜିଲ୍ଲା କାରାଗାର, ସ୍ୱତନ୍ତ୍ର ଉପକାରାଗାର ଭଞ୍ଜନଗର ଓ ଯାଜପୁରସ୍ଥିତ ଉପକାରାଗାରରେ *100* ଅତିରିକ୍ତ କ୍ଷମତା ବିଶିଷ୍ଟ ବନ୍ଦୀଗୃହ, ବୌଦସ୍ଥିତ ସ୍ୱତନ୍ତ୍ର ଉପକାରାଗାର ଓ ନୟାଗଡ ଉପକାରାଗାରରେ *60* କ୍ଷମତା ବିଶିଷ୍ଟ ଅତିରିକ୍ତ ବନ୍ଦୀଗୃହ-ଭଦ୍ରକ, କେନ୍ଦ୍ରାପଡା, ବରଗଡ, କାମାକ୍ଷାନଗର ଓ ଗୁଣୁପୁର ଠାରେ *50* କ୍ଷମତା ବିଶିଷ୍ଟ ଅତିରିକ୍ତ ବନ୍ଦୀଗୃହ ଓ ବାଲିଗୁଡା ଠାରେ *40* କ୍ଷମତା ବିଶିଷ୍ଟ ଅତିରିକ୍ତ ବନ୍ଦୀଗୃହ, *21*ଟି କାରାଗାରର ପରିମଳ ଓ ଜଳଯୋଗାଣ ବ୍ୟବସ୍ଥା, ତଥା *2*ଟି ନୂତନ ଉପକାରାଗାର ଓ *11*ଟି କାରାଗାର ନିମନ୍ତେ *11*ଟି ଡି ଟାଇପ୍, *33*ଟି ଇ ଟାଇପ୍ ଓ *98*ଟି ଏଫ୍ ଟାଇପ୍ କର୍ମଚାରୀ ବାସଗୃହ ଆଦିର ନିର୍ମାଣ ପାଇଁ *2004-2005* ମସିହା କେନ୍ଦ୍ରୀୟ ପ୍ରବର୍ତ୍ତିତ (ଅଣ-ଯୋଜନା) ପ୍ରକଳ୍ପରେ ଆକଳିତ *1,227* ଲକ୍ଷ ଟଙ୍କା ଏହି ନିଗମକୁ ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ତା. *31.12.2004* ରିଖ ସୁଦ୍ଧା *251* ଲକ୍ଷ ଟଙ୍କା ଉପଯୋଗ କରାଯାଇଛି ।

# ତୃତୀୟ ଅଧ୍ୟାୟ

## 3. କାରାଗାର ପ୍ରଶାସନ :

**3.1** ରାଜ୍ୟରେ *69* ଗୋଟି କାରାଗାର ଓ ଉପକାରାଗାର ଏବଂ *55*ଟି ସଂସ୍କାର ପ୍ରତିଷ୍ଠାନ ରହିଅଛି । ଏହା ବ୍ୟତୀତ ଖୋର୍ଦ୍ଧା ନିକଟବର୍ତ୍ତୀ ଯାମୁଝରିଠାରେ ତା. *16.05.2003* ରିଖ ଠାରୁ ଏକ ମୁକ୍ତାକାଶ କାରାଗାରକୁ କାର୍ଯ୍ୟକ୍ଷମ କରାଯାଇଛି । କେନ୍ଦ୍ରୀୟ ପ୍ରବର୍ତ୍ତିତ କାରାଗାର ସଂସ୍କାର ପରିକଳ୍ପନା ଅନୁଯାୟୀ *2002-2003* ରୁ *2006-2007* ପର୍ଯ୍ୟନ୍ତ ରାଜ୍ୟରେ ପର୍ଯ୍ୟାୟକ୍ରମେ *21*ଟି ନୂତନ ଉପକାରାଗାର ନିର୍ମାଣ ନିମନ୍ତେ ଯୋଜନା କରାଯାଇଛି। ଏହି କାର୍ଯ୍ୟକ୍ରମ ଅନୁଯାୟୀ *2004-2005* ବର୍ଷରେ *i)* ଯାଜପୁର ରୋଡ, ଦିଗପହଣ୍ଡି, ସୋର, କୋଟପାଡ ଏବଂ ସାଲେପୁରଠାରେ *13.32* କୋଟି ଟଙ୍କା ବ୍ୟୟରେ *5*ଟି ନୂଆ ଉପ-କାରାଗାର ନିର୍ମାଣ, *ii) 2.78*କୋଟି ଟଙ୍କା ବ୍ୟୟରେ *13*ଟି ଜେଲ୍‌ରେ ଅତିରିକ୍ତ ବନ୍ଦୀଗୃହ ନିର୍ମାଣ, *iii) 0.49* କୋଟି ଟଙ୍କା ବ୍ୟୟରେ *21*ଟି କାରାଗାର ଓ ଉପକାରାଗାରରେ ପରିମଳ ଓ ଜଳ ଯୋଗାଣ ବ୍ୟବସ୍ଥା ଏବଂ *iv) 4.88* କୋଟି ଟଙ୍କା ବ୍ୟୟରେ *13*ଟି କାରାଗାରରେ କର୍ମଚାରୀମାନଙ୍କପାଇଁ ବାସଗୃହ ନିର୍ମାଣ ଇତ୍ୟାଦି କାର୍ଯ୍ୟ ନିମ୍ନମତେ ହାତକୁ ନିଆଯାଇଛି ।

**3.2** *2004-2005* ବର୍ଷରେ ନୂଆ ଉପ-କାରାଗାର ପାଇଁ *138* ଲକ୍ଷ ଟଙ୍କା, ଅତିରିକ୍ତ ବନ୍ଦୀଗୃହ ନିର୍ମାଣପାଇଁ *46* ଲକ୍ଷ ଟଙ୍କା, ସରକାରୀ ବାସଗୃହ ନିର୍ମାଣ ନିମନ୍ତେ *67* ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

**3.3** ଓଡିଶାରେ ଥିବା କାରାଗାର ଏବଂ ଉପକାରାଗାରର ନିର୍ଦ୍ଧାରିତ ଧାରଣ ଶକ୍ତି *8,592* ଥିଲାବେଳେ ସେଠାରେ ଅଧୁନା *13,418* ଜଣ ବନ୍ଦୀ ଅଛନ୍ତି । ମହିଳା ବନ୍ଦୀ ମାନଙ୍କର ପିଲାମାନଙ୍କ ପାଇଁ ଭୁବନେଶ୍ୱର ସ୍ୱତନ୍ତ୍ର ଜେଲ୍‌ରେ ଏକ ଛାତ୍ରାବାସ ନିର୍ମାଣ କରାଯାଇଅଛି ।

## 3.4 କାରାଗାର ପ୍ରଶିକ୍ଷଣ ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ :

ବ୍ରହ୍ମପୁରଠାରେ କାରାଗାର ପ୍ରଶିକ୍ଷଣ ବିଦ୍ୟାଳୟ କାର୍ଯ୍ୟ କରୁଅଛି । ଏଠାରେ କାରାଗାର ଅଧିକାରୀ, ରକ୍ଷା ଅଧିକାରୀ ଏବଂ ସଂଶୋଧନ ଅଧିକାରୀମାନଙ୍କୁ

ପ୍ରଶିକ୍ଷଣ ଦିଆଯାଏ । ଏହି ପ୍ରଶିକ୍ଷଣ ବିଦ୍ୟାଳୟର ପାଠ୍ୟକ୍ରମକୁ ସମୀକ୍ଷା କରାଯାଇ ଏଥିରେ ଅପରାଧ ବିଜ୍ଞାନ ଓ ମାନବିକ ଅଧିକାର ବିଷୟ ପ୍ରଚଳନ କରାଯାଇଛି । ସଂସ୍କାର ପ୍ରଶାସନର ବୃଦ୍ଧିକୁ ଗୁରୁତ୍ୱ ଦେଇ ସଂଶୋଧନ ଅଧିକାରୀମାନଙ୍କୁ ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିମିନୋଲୋଜି ଓ ଫୋରେନସିକ୍ ସାଇନସ୍ *(N.I.C.F.S )*କୁ ପ୍ରଶିକ୍ଷଣ ନିମନ୍ତେ ପଠାଯାଉଅଛି । ଜାତୀୟ ମାନବିକ ଅଧିକାର କମିଶନ ଏବଂ ଆରକ୍ଷୀ ଗବେଷଣା ଉନ୍ନୟନ କେନ୍ଦ୍ର, ନୂଆଦିଲ୍ଲୀ ଆନୁକୂଲ୍ୟରେ ବୁର୍ଲା ଏବଂ ଭୁବନେଶ୍ୱରଠାରେ 'କାରାଗାରରେ ମାନବିକ ଅଧିକାର ' ଶୀର୍ଷକ କର୍ମଶାଳା *14.09.2004* ଠାରୁ *16.09.2004* ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

**3.5 କାରାଗାର ଶିଳ୍ପ :**

ରାଜ୍ୟ କାରାଗାରମାନଙ୍କରେ *17* ପ୍ରକାର ବିଭିନ୍ନ କୁଟୀର ଶିଳ୍ପ ସ୍ଥାପନ କରାଯାଇଅଛି । ଏଗୁଡିକ କଏଦୀମାନଙ୍କୁ ଅର୍ଥ ଉପାର୍ଜନର ସୁଯୋଗ ଯୋଗାଇଛି ।

**3.6 ଚିକିତ୍ସା ସୁବିଧା ଓ ପରିମଳ ବ୍ୟବସ୍ଥା :**

ବନ୍ଦୀମାନଙ୍କର ଜୀବନଯାପନ ମାନର ଉନ୍ନତି ନିମନ୍ତେ କାରାଗାର ମାନଙ୍କରେ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି । ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ବନ୍ଦୀମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ଚୌଦ୍ୱାର ମଣ୍ଡଳ କାରାଗାରରେ ବନ୍ଦୀମାନଙ୍କୁ ଉପଯୁକ୍ତ ସମୟରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏକ ଆମ୍ବୁଲାନସ୍ ଯୋଗାଇ ଦିଆଯାଇଛି । ଯକ୍ଷ୍ମା ରୋଗ ନିରାକରଣ ଓ ତାର ଚିକିତ୍ସା ନିମନ୍ତେ ବିଭିନ୍ନ କାରାଗାରରେ ପଦକ୍ଷେପ ଗ୍ରହଣ କରାଯାଇଛି । ନିଶାସକ୍ତ ବନ୍ଦୀମାନଙ୍କୁ ନିଶା ସେବନରୁ ନିବୃତ୍ତ ରଖିବାପାଇଁ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି ।

# ଚତୁର୍ଥ ଅଧ୍ୟାୟ

## *4.* ଗୃହରକ୍ଷୀ :

***4.1*** ଗୃହରକ୍ଷୀ ସ୍ୱେଚ୍ଛାସେବୀମାନେ ସାଧାରଣ ଆରକ୍ଷୀଙ୍କ ସହାୟକ ଭାବେ କାର୍ଯ୍ୟ କରନ୍ତି । ସେମାନେ ଆଭ୍ୟନ୍ତରୀଣ ନିରାପତ୍ତା, ଆଇନଶୃଙ୍ଖଳା, ଅପରାଧ ନିରାକରଣ, ଅପରାଧୀମାନଙ୍କୁ ଧରିବା, ବିଶିଷ୍ଟ ବ୍ୟକ୍ତିଙ୍କ ନିରାପତ୍ତା, ଯାନବାହନ ନିୟନ୍ତ୍ରଣ, ରାତ୍ରପ୍ରହରା ପ୍ରଭୃତି କାର୍ଯ୍ୟରେ ଆରକ୍ଷୀ ମାନଙ୍କୁ ସହଯୋଗ କରିଥାନ୍ତି । ବନ୍ୟା ଓ ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ଗୃହରକ୍ଷୀମାନେ ସ୍ୱେଚ୍ଛାକୃତ ସେବା କରିଥାନ୍ତି ।

***4.2*** ବର୍ତ୍ତମାନ ରାଜ୍ୟରେ ମୋଟ ଗୃହରକ୍ଷୀଙ୍କ ସଂଖ୍ୟା *11,632* ସେମାନଙ୍କ ମଧ୍ୟରୁ ପୁରୁଷ ଗୃହରକ୍ଷୀଙ୍କ ସଂଖ୍ୟା *10,683* ଓ ମହିଳା ଗୃହରକ୍ଷୀଙ୍କ ସଂଖ୍ୟା *949* । ଚଳିତ ବର୍ଷ *2004-2005*ରେ ଗୃହରକ୍ଷୀମାନେ ନିମ୍ନମତେ ନିୟୋଜିତ ହୋଇଛନ୍ତି ।

| | | | | |
|---|---|---|---|---|
| *(i)* | ଆଇନ ଶୃଙ୍ଖଳା କାର୍ଯ୍ୟ | --- | *1,50,355* | ଶ୍ରମ ଦିବସ |
| *(ii)* | ପ୍ରହରା କାର୍ଯ୍ୟ | --- | *1,47,740* | ଶ୍ରମ ଦିବସ |
| *(iii)* | ଦିନ / ରାତ୍ର ପ୍ରହରା କାର୍ଯ୍ୟ | --- | *1,79,075* | ଶ୍ରମ ଦିବସ |
| *(iv)* | ଯାନବାହନ ନିୟନ୍ତ୍ରଣ କାର୍ଯ୍ୟ | --- | *1,37,039* | ଶ୍ରମ ଦିବସ |
| *(v)* | ବିଶିଷ୍ଟ ବ୍ୟକ୍ତିଙ୍କ ନିରାପତ୍ତା କାର୍ଯ୍ୟ | --- | *1,392* | ଶ୍ରମ ଦିବସ |
| *(vi)* | ଅନ୍ୟାନ୍ୟ କାର୍ଯ୍ୟ | --- | *1,14,009* | ଶ୍ରମ ଦିବସ |
| | **ମୋଟ -** | --- | ***7,29,610*** | **ଶ୍ରମ ଦିବସ** |

***4.3*** ବିଭିନ୍ନ ବ୍ୟାଙ୍କ ଏବଂ ଚାନ୍ଦିପୁରଠାରେ ଥିବା ଭାରତ ସରକାରଙ୍କ ଇଣ୍ଟରିମ୍ ଟେଷ୍ଟ ରେଂଜ୍‌ପରି ଗୁରୁତ୍ୱପୂର୍ଣ୍ଣ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କରେ ନିୟୋଜିତ ହୋଇ ଗୃହରକ୍ଷୀମାନେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ଏହି ନିୟୋଜନ ଦ୍ୱାରା କ୍ୟାପିଟେସନ୍ ଦେୟ ବାବଦରେ ରାଜ୍ୟ ସରକାରଙ୍କର ଅଧିକ

ରାଜସ୍ୱ ଆୟ ହୋଇଛି । *2004-2005*ରେ ବିଭିନ୍ନ ସଂସ୍ଥା ମାନଙ୍କରେ ଗୃହରକ୍ଷୀମାନଙ୍କୁ ନିୟୋଜନ କରାଯାଇ କ୍ୟାପିଟେସନ୍ ଦେୟ ବାବଦ ଟ.*63.86* ଲକ୍ଷ ଟଙ୍କା ଆଦାୟ କରାଯାଇଛି ।

***4.4*** ରାଜ୍ୟର *2500* ଗୃହରକ୍ଷୀଙ୍କୁ ଛତିଶଗଡ ରାଜ୍ୟ ବିଧାନ ସଭା ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ପ୍ରଥମଥର ପାଇଁ ଓଡିଶାର ଗୃହରକ୍ଷୀମାନେ ରାଜ୍ୟ ବାହାରେ ନିୟୋଜିତ ହୋଇ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ ।

***4.5*** ନିମ୍ନ ଲିଖିତ ଗୃହରକ୍ଷୀମାନେ ତା *23.12.2004* ରିଖ ସୁଦ୍ଧା ବିଭିନ୍ନ ପ୍ରଶିକ୍ଷଣ ପାଇଅଛନ୍ତି ।

| | | | |
|---|---|---|---|
| *1.* | ବେସିକ୍ କୋର୍ସ | --- | *952* |
| *2.* | ରିଫ୍ରେସର୍ କୋର୍ସ | --- | *3,566* |

***4.6*** ଯଦିଓ ଗୃହରକ୍ଷୀ ଏକ ସ୍ୱେଚ୍ଛାସେବୀ ବାହିନୀ, ତଥାପି ସାଧାରଣ ଜୀବନରେ ନିଜର ଉନ୍ନତ କାର୍ଯ୍ୟ ସମ୍ପାଦନ କରି ସେମାନେ ଲୋକମାନଙ୍କ ଦ୍ୱାରା ଆଦୃତ ହୋଇଅଛନ୍ତି ।

# ପଞ୍ଚମ ଅଧ୍ୟାୟ

## *5.* ଅଗ୍ନିଶମ-ସେବା :

***5.1*** ଏହା ଏକ ଆବଶ୍ୟକ ସେବା ଯାହାକି ପ୍ରାକୃତିକ ଦୁର୍ବିପାକ ଓ ଅଗ୍ନି ଦୁର୍ଘଟଣାରୁ ସାଧାରଣ ଲୋକଙ୍କ ଧନ ଓ ଜୀବନ ରକ୍ଷା କରିଥାଏ । ସମଗ୍ର ରାଜ୍ୟରେ *2,336* ଜଣ କର୍ମଚାରୀ ଓ *579* ଗୋଟି ଯାନବାହାନକୁ ନେଇ *153* ଗୋଟି ଅଗ୍ନିଶମ ସେବା କେନ୍ଦ୍ର କାର୍ଯ୍ୟ କରୁଅଛି । ଏହାର ଆଦର୍ଶୋକ୍ତି ହେଲା "ରକ୍ଷା ହିଁ ଆମର ସେବା" ।

***5.2*** *2004* ବର୍ଷରେ ଓଡିଶା ଅଗ୍ନିଶମ ସେବାସଂସ୍ଥା ରାଜ୍ୟର *7,579* ଟି ଅଗ୍ନିକାଣ୍ଡ ଦୁର୍ଘଟଣାକୁ ସୂଚାରୁରୂପେ ତୁଲାଇ ଥିଲେ । ଏହି ସମୟରେ *181*ଟି

ମାନବ ଜୀବନ ଓ *496*ଟି ପଶୁଙ୍କ ସହିତ ସେମାନେ *2,01,90,35,450* ଟଙ୍କା ମୂଲ୍ୟର ସମ୍ପତ୍ତି ଅଗ୍ନି କବଳରୁ ରକ୍ଷା କରିପାରିଛନ୍ତି ।

***5.3*** *2004*ରେ *23* ଜଣ ଓଡିଶା ଅଗ୍ନିଶମ ସେବା କର୍ମଚାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ କାର୍ଯ୍ୟପାଇଁ ମହାମାନ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ଅଗ୍ନିଶମ ସେବା ପଦକ ପ୍ରଦାନ କରାଯାଇଅଛି ।

***5.4*** *153* ଗୋଟି ଅଗ୍ନିଶମ ସେବା କେନ୍ଦ୍ର ମଧ୍ୟରୁ *66*ଟି କେନ୍ଦ୍ର ନିଜସ୍ୱ ଗୃହରେ ହୋଇଛି । *18* ଗୋଟି ଅନ୍ୟ ବିଭାଗୀୟ ଗୃହରେ ଓ *69* ଗୋଟି ଭଡା ଗୃହରେ ଚାଲୁଛି ।

***5.5*** *ଅନୁଗୁଳ, ଭଦ୍ରକ ଓ ଫୁଲବାଣୀ ଅଗ୍ନିଶମ ସେବା କେନ୍ଦ୍ର କର୍ମଚାରୀ ମାନଙ୍କ 27 ଗୋଟି ବାସଗୃହ ନିର୍ମାଣ ନିମନ୍ତେ ରାଜ୍ୟ ସରକାର 2004-2005 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅଟକଳରୁ 99 ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ।*

# ଷଷ୍ଠ ଅଧ୍ୟାୟ

***6.*** ବେସାମରିକ ପ୍ରତିରକ୍ଷା :

***6.1*** ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଜନତାଙ୍କୁ ଆବଶ୍ୟକୀୟ ସାହାଯ୍ୟ ଯୋଗାଇବା ଉଦ୍ଦେଶ୍ୟରେ ବେସାମରିକ ପ୍ରତିରକ୍ଷା ସଙ୍ଗଠନ ଗଠନ କରାଯାଇଅଛି ।

***6.2*** ବେସାମରିକ ପ୍ରତିରକ୍ଷା ସଂସ୍ଥାର ବାସ୍ତବ ଉଦ୍ଦେଶ୍ୟ ହେଲା : *(i)* ଜୀବନରକ୍ଷା କରିବା *(ii)* ଧନ ସମ୍ପତ୍ତି ରକ୍ଷା କରିବା *(iii)* ଉତ୍ପାଦନ ଚାଲୁ ରଖିବା *(iv)* ଯୁଦ୍ଧ ସମୟରେ ସାଧାରଣ ଜନତାଙ୍କ ନୈତିକ ମନୋବଳ ବୃଦ୍ଧି କରିବା । ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ହୋଇଥିଲେ ମଧ୍ୟ ଏହା ଦେଶର ପ୍ରତିରକ୍ଷା ସଂସ୍ଥାର ଏକ ଅଙ୍ଗ ହିସାବରେ ପରିଗଣିତ ।

*6.3* ଓଡିଶାର ଭୁବନେଶ୍ୱର, ରାଉରକେଲା, ପାରାଦ୍ୱୀପ, କୋରାପୁଟ ଓ ତାଲଚେରଠାରେ ବେସାମରିକ ପ୍ରତିରକ୍ଷା କେନ୍ଦ୍ର କାମ କରୁଅଛି । ଚଳିତ ବର୍ଷ ଏହି ସଂସ୍ଥା ଦ୍ୱାରା ସ୍ୱେଚ୍ଛାସେବୀ ମାନଙ୍କୁ ନିମ୍ନଲିଖିତ ତାଲିମ ପ୍ରଦାନ କରାଯାଇଅଛି -

| କ୍ର.ନଂ. | ବିଷୟ | ତାଲିମ ଗ୍ରହଣ କରିଥିବା ସ୍ୱେଚ୍ଛାସେବୀ ମାନଙ୍କ ସଂଖ୍ୟା |
|---|---|---|
| *(i)* | ମୌଳିକ ପ୍ରଶିକ୍ଷଣ | *355* |
| *(ii)* | ଅଗ୍ନିଶମ ପ୍ରଶିକ୍ଷଣ | *80* |
| *(iii)* | ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ | *120* |
| *(iv)* | ୱାର୍ଡେନ ପ୍ରଶିକ୍ଷଣ | *06* |
| *(v)* | ଉଦ୍ଧାର ପ୍ରଶିକ୍ଷଣ | *24* |

*6.4* ବନ୍ୟା ଓ ବାତ୍ୟା ସମୟରେ ଜନ ଜୀବନ ରକ୍ଷାପାଇଁ *585*ଜଣ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ ଯୋଗାଇ ଦିଆଯାଇଅଛି ।

*6.5* ଏତଦ୍‌ବ୍ୟତୀତ ବିଶ୍ୱ ରେଡକ୍ରସ ଦିବସ, ଉତ୍କଳ ଦିବସ, ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳନ ଏବଂ ପଲ୍‌ସପୋଲିଓ ତଥା ଜାତୀୟ ମେଲେରିଆ ନିରାକରଣ ପ୍ରଭୃତି କାର୍ଯ୍ୟକ୍ରମମାନଙ୍କରେ ବେସାମରିକ ପ୍ରତିରକ୍ଷା ସଂସ୍ଥାର ସ୍ୱେଚ୍ଛାସେବୀମାନେ ସହାୟତା କରିଥାନ୍ତି ।।

# ସପ୍ତମ ଅଧ୍ୟାୟ

## *7.* ବିଚାର ବିଭାଗ :

### *7.1* ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା:

ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶକ୍ରମେ ଏକାଦଶ ଅର୍ଥ କମିଶନଙ୍କ ସହାୟତାରେ *72* ଟି ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯାଇଅଛି । ତନ୍ମଧ୍ୟରୁ *41* ଟି କୋର୍ଟ କାର୍ଯ୍ୟକ୍ଷମ କରାଯାଇଅଛି ।

*7.2* ଏହି ଫାଷ୍ଟ ଟ୍ରାକ୍ କୋର୍ଟକୁ ତା *01.01.2005* ରିଖ ସୁଦ୍ଧା ସମୁଦାୟ *31,098* ଟି ମାମଲା ହସ୍ତାନ୍ତର କରାଯାଇଅଛି ଏବଂ ତନ୍ମଧ୍ୟରୁ *22,093* ଟି ମାମଲା ଫଇସଲା କରାଯାଇଛି ।

*7.3* ବିଚାର ବିଭାଗୀୟ ଏକାଡେମୀ :

ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ନିଯୁକ୍ତି ସମୟରେ ଓ ପରେ, ସମୟକ୍ରମେ ସାମ୍ବିଧାନିକ ମୂଲ୍ୟବୋଧ ଓ ମୌଳିକ କାର୍ଯ୍ୟ ସମ୍ପାଦନ ନିମନ୍ତେ ପ୍ରଶିକ୍ଷଣ ଦେବାପାଇଁ ଏକ ବିଚାର ବିଭାଗୀୟ ଏକାଡେମୀ ପ୍ରତିଷ୍ଠା କରାଯାଇଅଛି । ଏହା ତା *20.12.2003* ରିଖ ରୁ କାର୍ଯ୍ୟକ୍ଷମ କରାଯାଇଅଛି । *27* ଜଣ ନୂତନ ନିଯୁକ୍ତିପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀଙ୍କୁ ତା *16.11.2004* ରିଖ ଠାରୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଅଛି ।

# ଅଷ୍ଟମ ଅଧ୍ୟାୟ

*8.* ମାନବିକ ଅଧିକାର ସୁରକ୍ଷା :

*2002* ଠାରୁ *2004* ବର୍ଷ ମଧ୍ୟରେ ଘଟିଯାଇଥିବା ନାରୀ ନିର୍ଯ୍ୟାତନାମୂଳକ ଅପରାଧ ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା :

*8.1* ଯୌତୁକ / ଅଣ-ଯୌତୁକ ନିର୍ଯ୍ୟାତନା ମାମଲା :

*2004* ମସିହାରେ ସର୍ବମୋଟ *2312* ଗୋଟି ମୋକଦ୍ଦମା ରୁଜୁ ହୋଇଥିବା ବେଳେ, *2003* ମସିହାରେ *2,269* ଗୋଟି ଏବଂ *2002* ରେ *2,027* ଗୋଟି ମାମଲା ରୁଜୁ ହୋଇଥିଲା । ବିଗତ ତିନି ବର୍ଷର ତ୍ରୈବାର୍ଷିକ ହାରାହାରି ସଂଖ୍ୟା *2,115.33* । *2003, 2002* ଓ ତ୍ରୈବାର୍ଷିକ ହାରାହାରି ତୁଳନାରେ *2004* ରେ ଅପରାଧ ଯଥାକ୍ରମେ *1.8, 1.4* ଓ *9.2* ଶତାଂଶ ବୃଦ୍ଧି ପାଇଅଛି । ଜନସଂଖ୍ୟା ବୃଦ୍ଧି, ନାରୀମାନଙ୍କର ସାମାଜିକ ସ୍ଥିତି ଓ ଅଧିକାର ବିଷୟରେ ସଚେତନତା ବୃଦ୍ଧି ଏବଂ ସମାଜରେ ଖାଉଟୀମାନଙ୍କର ସ୍ୱାର୍ଥର ସୁରକ୍ଷା ଆଦି ବିଷୟ ଉପରୋକ୍ତ ଅପରାଧ ବୃଦ୍ଧି ନିମନ୍ତେ ମୁଖ୍ୟତଃ ଦାୟୀ । ବର୍ତ୍ତମାନ ଅଧିକରୁ ଅଧିକ ସଂଖ୍ୟକ ନାରୀମାନେ ବିଭିନ୍ନ ଥାନା ମାନଙ୍କରେ ସେମାନଙ୍କର ଅଭିଯୋଗ ଦାୟର

କରିବାପାଇଁ ଆଗେଇ ଆସୁଛନ୍ତି । ନାରୀମାନେ ସେମାନଙ୍କର ଆପତ୍ତି, ଅଭିଯୋଗ ସହଜରେ ପ୍ରକାଶ କରିବାପାଇଁ ପ୍ରତ୍ୟେକ ଥାନାରେ ଏକ ମହିଳା ଡେସ୍କ୍ ପ୍ରତିଷ୍ଠାପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି ।

*2004* ମସିହାରେ ପଞ୍ଜୀକୃତ ହୋଇଥିବା *2,312* ଗୋଟି ମାମଲା ମଧ୍ୟରୁ *1,155* ଗୋଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଥିଲା, *16* ଟିରେ ଚୁଡାନ୍ତ ରିପୋର୍ଟ ସତ୍ୟ ଥିଲା, *18* ଟି ଭ୍ରମାତ୍ମକ ତଥ୍ୟ / ଆଇନ୍ ଯୋଗୁଁ ଫେରସ୍ତ ହୋଇଥିଲା, *1* ଗୋଟି ଧର୍ତ୍ତବ୍ୟ ଯୋଗ୍ୟ ନଥିଲା, *15* ଗୋଟି ମିଥ୍ୟା ଏବଂ ଅବଶିଷ୍ଟ *1,111* ଗୋଟି ମାମଲା ତଦନ୍ତାଧୀନ ରହିଅଛି । ତଦନ୍ତାଧୀନ ମାମଲା ମଧ୍ୟରୁ *955* ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ଅଛି । ଦୋଷାରୋପ ଫର୍ଦ୍ଦ ଓ ସମ୍ଭାବ୍ୟ ଦୋଷାରୋପ ଫର୍ଦ୍ଦକୁ ବିଚାରକୁ ନେଲେ ଅନୁସନ୍ଧାନରେ ସଫଳତାର ହାର *92.6* ଶତାଂଶ ଅଟେ ।

### *8.2* ଯୌତୁକଜନିତ ହତ୍ୟା :

*2004* ମସିହାରେ *452*ଟି ମାମଲା ରୁଜୁ ହୋଇଥିବା ବେଳେ *2003*ରେ *420*ଟି ଏବଂ *2002*ରେ *418*ଟି ମାମଲା ରୁଜୁ ହୋଇଅଛି । ବିଗତ ତିନି ବର୍ଷର ତ୍ରୈବାର୍ଷିକ ହାରାହାରି *421.6* ଅଟେ । *2003, 2002* ଏବଂ ତ୍ରୈବାର୍ଷିକ ହାରାହାରି ତୁଳନାରେ *2004*ରେ ଅପରାଧ ଯଥାକ୍ରମେ *07.6, 8.1* ଓ *7.2* ଶତାଂଶ ବୃଦ୍ଧି ପାଇଛି । *452* ଗୋଟି ମାମଲା ମଧ୍ୟରୁ *238* ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଥିଲା, *5*ଟି ଭ୍ରମାତ୍ମକ ତଥ୍ୟ / ଆଇନ୍‌ରେ ସମାପ୍ତ ହୋଇଥିଲା, *3*ଗୋଟି ମିଥ୍ୟା ଥିଲା ଏବଂ ଅବଶିଷ୍ଟ *206*ଟି ମାମଲା ତଦନ୍ତାଧୀନ ଅଛି । ତଦନ୍ତାଧୀନ ମାମଲା ମଧ୍ୟରୁ *169*ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ଅଛି । ଦୋଷାରୋପ ଫର୍ଦ୍ଦ ଓ ସମ୍ଭାବ୍ୟ ଦୋଷାରୋପ ଫର୍ଦ୍ଦକୁ ବିଚାରକୁ ନେଲେ ଅନୁସନ୍ଧାନରେ ସଫଳତାର ହାର *91.6* ଶତାଂଶ ଅଟେ ।

### *8.3* ଯୌତୁକଜନିତ ଆତ୍ମହତ୍ୟା :

*2004* ମସିହାରେ *29* ଗୋଟି ମାମଲା ରୁଜୁ ହୋଇଥିଲା ବେଳେ *2003*ରେ *48*ଗୋଟି ଏବଂ *2002*ରେ *43* ଗୋଟି ମାମଲା ରୁଜୁ ହୋଇଥିଲା । ବିଗତ ତିନି ବର୍ଷର ତ୍ରୈବାର୍ଷିକ ହାରାହାରି *44.0* ଅଟେ । *2003, 2002* ଓ ତ୍ରୈବାର୍ଷିକ

ହାରାହାରି ତୁଳନାରେ *2004* ରେ ଅପରାଧ ଯଥାକ୍ରମେ *39.5,32.5* ଏବଂ *34.0* ଶତାଂଶ ହ୍ରାସ ପାଇଛି । *2004* ବର୍ଷରେ ରୁଜୁ ହୋଇଥିବା *29* ଗୋଟି ମାମଲା ମଧ୍ୟରୁ *17* ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଥିଲା ଏବଂ ଅବଶିଷ୍ଟ *12*ଟି ମାମଲା ତଦନ୍ତାଧୀନ ଅଛି । ତଦନ୍ତାଧୀନ ମାମଲା ମଧ୍ୟରୁ *11*ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ଅଛି । ଦୋଷାରୋପ ଫର୍ଦ୍ଦ ଓ ସମ୍ଭାବ୍ୟ ଦୋଷାରୋପ ଫର୍ଦ୍ଦକୁ ବିଚାରକୁ ନେଲେ ଅନୁସନ୍ଧାନରେ ସଫଳତାର ହାର *96.5* ଶତାଂଶ ଅଟେ ।

### *8.4* ଯୌତୁକଜନିତ ନିର୍ଯ୍ୟାତନା :

*2004* ମସିହାରେ *1,250* ଗୋଟି ମାମଲା ରୁଜୁ ହୋଇଥିଲା ବେଳେ *2003*ରେ *1,240* ଗୋଟି ଏବଂ *2002*ରେ *1,042*ଗୋଟି ମାମଲା ରୁଜୁ ହୋଇଥିଲା । ବିଗତ ତିନି ବର୍ଷର ତ୍ରୈବାର୍ଷିକ ହାରାହାରି *1,104* ଅଟେ । *2003, 2002* ଏବଂ ତ୍ରୈବାର୍ଷିକ ହାରାହାରି ତୁଳନାରେ *2004*ରେ ଅପରାଧ ଯଥାକ୍ରମେ *0.8,19.9* ଏବଂ *13.2* ଶତାଂଶ ବୃଦ୍ଧି ପାଇଛି ।

*2004* ବର୍ଷରେ ରୁଜୁ ହୋଇଥିବା *1,250*ଗୋଟି ମାମଲା ମଧ୍ୟରୁ *557*ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଥିଲା, *9*ଟି ଚୁଡାନ୍ତ ରିପୋର୍ଟ ସତ୍ୟରେ ସମାପ୍ତ ହୋଇଥିଲା, *9*ଟି ଭ୍ରମାତ୍ମକ ତଥ୍ୟ / ଆଇନ୍ ଯୋଗୁଁ ଫେରସ୍ତ ହୋଇଥିଲା, *1* ଗୋଟି ଧର୍ତ୍ତବ୍ୟ ଯୋଗ୍ୟ ନ ଥିଲା, *7* ଗୋଟି ମିଥ୍ୟା ଥିଲା ଏବଂ ଅବଶିଷ୍ଟ *667*ଟି ମାମଲା ତଦନ୍ତାଧୀନ ରହିଛି । ତଦନ୍ତାଧୀନ ମାମଲା ମଧ୍ୟରୁ *592*ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ଅଛି । ଦୋଷାରୋପ ଫର୍ଦ୍ଦ ଓ ସମ୍ଭାବ୍ୟ ଦୋଷାରୋପ ଫର୍ଦ୍ଦକୁ ବିଚାରକୁ ନେଲେ ସଫଳତାର ହାର *93.1* ଶତାଂଶ ଅଟେ ।

### *8.5* ଅଣ-ଯୌତୁକ ନିର୍ଯ୍ୟାତନା :

*2004* ମସିହାରେ *581* ଟି ମାମଲା ରୁଜୁ ହୋଇଥିଲା ବେଳେ *2003*ରେ *561* ଗୋଟି ଏବଂ *2002* ରେ *524* ଗୋଟି ମାମଲା ରୁଜୁ ହୋଇଥିଲା । ବିଗତ ତିନି ବର୍ଷର ତ୍ରୈବାର୍ଷିକ ହାରାହାରି *546.6* ଅଟେ । *2003,2002* ଓ ତ୍ରୈବାର୍ଷିକ

ହାରାହାରି ତୁଳନାରେ *2004* ବର୍ଷରେ ଅପରାଧ ଯଥାକ୍ରମେ *3.5,10.8* ଓ *6.4* ଶତାଂଶ ବୃଦ୍ଧି ପାଇଛି ।

*2004* ବର୍ଷରେ ରୁଜୁ ହୋଇଥିବା *581*ଟି ମାମଲା ମଧ୍ୟରୁ *343*ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଥିଲା, *3*ଟି ଚୁଡାନ୍ତ ରିପୋର୍ଟ ସତ୍ୟରେ ସମାପ୍ତ ହୋଇଥିଲା, *4* ଟି ଭ୍ରମାତ୍ମକ ତଥ୍ୟ / ଆଇନ୍ ଯୋଗୁଁ ଫେରସ୍ତ ହୋଇଥିଲା, *5* ଟି ମିଥ୍ୟା ଥିଲା ଏବଂ *226*ଟି ମାମଲା ତଦନ୍ତାଧୀନ ଅଛି । ଦୋଷାରୋପ ଫର୍ଦ୍ଦ ଓ ସମ୍ଭାବ୍ୟ ଦୋଷାରୋପ ଫର୍ଦ୍ଦକୁ ବିଚାରକୁ ନେଲେ ଅନୁସନ୍ଧାନରେ ସଫଳତାର ହାର *91.9* ଶତାଂଶ ଅଟେ ।

# ନବମ ଅଧ୍ୟାୟ

## *9.* ନିର୍ବାଚନ :

### *9.1* ଲୋକସଭା ଓ ଓଡିଶା ବିଧାନସଭା ସାଧାରଣ ନିର୍ବାଚନ-*2004:*

ନିର୍ବାଚନ ପରିଚାଳନାର ସୁଚିନ୍ତିତ ଯୋଜନା, ଦକ୍ଷତାପୂର୍ଣ୍ଣ ତଦାରଖ ଯୋଗୁଁ ଲୋକସଭା ଓ ଓଡିଶା ବିଧାନସଭାର ସାଧାରଣ ନିର୍ବାଚନ, *2004* ମସିହାରେ ସୂଚାରୁରୂପେ ସମ୍ପନ୍ନ ହୋଇଥିଲା । ତା. *20.04.2004* ରିଖରେ ପ୍ରଥମ ପ୍ରର୍ଯ୍ୟାୟରେ *11*ଟି ଲୋକସଭା ନିର୍ବାଚନ ମଣ୍ଡଳୀ ଓ *77* ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟଗ୍ରହଣ ହୋଇଥିଲା, ତା. *26.04.2004* ରିଖ ରେ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ *10* ଟି ଲୋକସଭା ଓ *70*ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ ଗ୍ରହଣ ହୋଇଥିଲା । ପ୍ରଥମ ଥର ନିମନ୍ତେ ରାଜ୍ୟର ମୋଟ *26,250* ଟି ଭୋଟ ଗ୍ରହଣ କେନ୍ଦ୍ରରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନ୍ ବ୍ୟବହୃତ ହୋଇଥିଲା । *66.05* ପ୍ରତିଶତ ଭୋଟର *21* ଜଣ ସାଂସଦ ଏବଂ *147* ଜଣ ବିଧାୟକ ନିର୍ବାଚିତ କରାଇବାପାଇଁ ମତଦାନ କରିଥିଲେ । ନିର୍ବାଚନ ନିୟମାବଳୀର କଡାକଡି ପାଳନ ଯୋଗୁଁ ସାଧାରଣ ନିର୍ବାଚନ ଶୃଙ୍ଖଳିତ ବାତାବରଣ ମଧ୍ୟରେ ହୋଇପାରିଥିଲା । ସମ୍ପର୍ଣ୍ଣ ହୋଇଥିବା ସାଧାରଣ ନିର୍ବାଚନର ଏକ ବିଶେଷ ପଦକ୍ଷେପ ହେଉଛି ଭୋଟଗ୍ରହଣ ଅଧିକାରୀ ଓ ଅନ୍ୟାନ୍ୟ

ନିର୍ବାଚନ ଅଧିକାରୀ ମାନଙ୍କ ପାଇଁ ବୀମା ବ୍ୟବସ୍ଥା । ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ଜେନେରାଲ ଇନ୍ସୁ୍ୟରାନ୍ସ କମ୍ପାନୀ ଲିମିଟେଡ୍ ସହଯୋଗରେ ଏହି ବୀମା ପରିକଳ୍ପନା କରାଯାଇଥିଲା । ଏହି ବୀମା ଯୋଜନା ଅନୁଯାଇ ମୃତ୍ୟୁ କିମ୍ବା ସମ୍ପୂର୍ଣ୍ଣ ଆଂଶିକ ଅସମର୍ଥ ହେଲେ କ୍ଷତିପୂରଣ ଦେବାର ବ୍ୟବସ୍ଥା ହୋଇଥିଲା ।

ରାଜ୍ୟର *26,250* ଟି ନିର୍ବାଚନ କେନ୍ଦ୍ର ମାନଙ୍କ ମଧ୍ୟରୁ *9,839*ଟି କେନ୍ଦ୍ର ସମ୍ବେଦନଶୀଳ ଥିଲା । କେତେକ ଛୋଟ ଧରଣର ଗଣ୍ଡଗୋଳକୁ ଛାଡିଦେଲେ ସମଗ୍ର ରାଜ୍ୟର ନିର୍ବାଚନ ସମୟରେ ଆଇନ୍ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଥିଲା ।

## 9.2 ନିର୍ବାଚନ ଫଟୋ ପରିଚୟ ପତ୍ର କାର୍ଯ୍ୟକ୍ରମ :

*51-* ଜଟଣୀ ନିର୍ବାଚନ ମଣ୍ଡଳୀକୁ ( ଏଠାରେ ଭୋଟର ପରିଚୟପତ୍ର ଅଧିକ ଏବଂ ବର୍ତ୍ତମାନ ମିଡିଆରେ *75* ପ୍ରତିଶତରୁ ଅଧିକ ଫଟୋ ମିଳିପାରିବା ଦୃଷ୍ଟିରୁ ) ପାଇଲଟ୍ ପ୍ରକଳ୍ପଭାବେ ଗ୍ରହଣ କରାଯାଇ ଫଟୋ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଚିହ୍ନଟ କରାଯାଇଛି । ।

## 9.3 ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-*2005:*

ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀ ଗୁଡିକରେ ତା. *01.01.2005* ରିଖକୁ ଯୋଗ୍ୟତା ସୂଚକ ତାରିଖ ରୂପେ ଗ୍ରହଣ କରାଯାଇ ତା. *01.07.2004* ରିଖଠାରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ତା. *15.09.2004* ରିଖରେ *2004*ର ଚିଠା ଭୋଟର ତାଲିକା ପ୍ରକାଶନ ହୋଇଥିଲା । ସଂଶୋଧନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇ ନିର୍ବାଚନ କମିଶନଙ୍କ ନିର୍ଦ୍ଧାରିତ ଅନୁଯାୟୀ ତା. *03.01.2005* ରିଖରେ *2005*ର ଭୋଟର ତାଲିକା ପ୍ରକାଶିତ ହୋଇଛି । *2004*ର ଚିଠା ଭୋଟର ତାଲିକାରେ *2,56,51,989* ଭୋଟର ଥିବାବେଳେ ଚୁଡାନ୍ତ ଭୋଟର ତାଲିକା *2005*ରେ *2,62,57,932* ସଂଖ୍ୟକ ଭୋଟର ଅଛନ୍ତି ।

# ଦଶମ ଅଧ୍ୟାୟ

## *10.* ଓଡିଶା କ୍ଷିପ୍ରଲିଖନ ଓ ମୁଦ୍ରଲିଖନ ପ୍ରତିଷ୍ଠାନ, ଭୁବନେଶ୍ୱର :

ଏହି ଅନୁଷ୍ଠାନ ଅଣକର୍ମଚାରୀ ଓ ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ଓଡିଆ ଓ ଇଂରାଜୀରେ କ୍ଷିପ୍ରଲିଖନ ଓ ମୁଦ୍ରଲିଖନ ପ୍ରଶିକ୍ଷଣ ଦେଇଥାନ୍ତି । ମୁଦ୍ରଲେଖକ ଓ କନିଷ୍ଠ କିରାଣୀମାନଙ୍କୁ ମଧ୍ୟ ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଏ । ଅଣକର୍ମଚାରୀମାନଙ୍କୁ ଓଡିଆ/ ଇଂରାଜୀରେ କ୍ଷିପ୍ରଲିଖନ ତାଲିମ ସମୟ ଏକ ବର୍ଷ ଅଟେ । ସରକାରୀ ଚାକିରୀରେଥିବା କ୍ଷିପ୍ରଲେଖକ ମାନଙ୍କପାଇଁ ଏହି ତାଲିମ ସମୟ *8* ମାସ ଓ ମୁଦ୍ରଲେଖକ ଓ ସହାୟକଙ୍କପାଇଁ ଏହି ତାଲିମ ସମୟ *4* ମାସ । ସଚିବାଳୟ କ୍ଷିପ୍ରଲେଖକ ଚାକିରୀ ସର୍ତ୍ତାବଳୀ ଅନୁସାରେ ସଚିବାଳୟର ପ୍ରତ୍ୟେକ କନିଷ୍ଠ କ୍ଷିପ୍ରଲେଖକଙ୍କ ପଦୋନ୍ନତି ପୂର୍ବରୁ ଏହି ପ୍ରତିଷ୍ଠାନରେ ଏକ ମାସପାଇଁ ତାଲିମ ଗ୍ରହଣ କରିବାକୁ ହୋଇଥାଏ । *2004-2005* ବର୍ଷ ମଧ୍ୟରେ *32* ଜଣ ଅନୁସୂଚିତ ଜାତି ଓ ଅନୁସୂଚିତ ଉପଜାତିର ଛାତ୍ରଙ୍କ ସମେତ *62* ଜଣଙ୍କୁ ଏହି ଅନୁଷ୍ଠାନରେ ଇଂରାଜୀ କ୍ଷିପ୍ରଲେଖନ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ *9* ଜଣ ଅଣକର୍ମଚାରୀଙ୍କୁ ଓଡିଆ କ୍ଷିପ୍ରଲିଖନ ଏବଂ *38* ଜଣ କର୍ମଚାରୀଙ୍କୁ ଓଡିଆ କ୍ଷିପ୍ରଲିଖନ ଓ ମୁଦ୍ରଲିଖନରେ ପ୍ରଶିକ୍ଷିତ କରାଯାଇଥିଲା ।

# ଏକାଦଶ ଅଧ୍ୟାୟ

## 11. ରାଜ୍ୟ ସୈନିକ ବୋର୍ଡ :

**11.1** ଓଡିଶା ରାଜ୍ୟର ପୂର୍ବତନ କର୍ମଚାରୀ, ଯୁଦ୍ଧ ବିଧବା, ଅକ୍ଷମ ପୂର୍ବତନ ସାମରିକ କର୍ମଚାରୀ ଓ ପ୍ରତିରକ୍ଷା ସେବାରେ ମୃତ୍ୟୁବରଣ କରିଥିବା ସାମରିକ କର୍ମଚାରୀଙ୍କ ପରିବାରର କଲ୍ୟାଣ ଓ ପୁନଃ ଥଇଥାନ ନିମନ୍ତେ ରାଜ୍ୟ ସୈନିକ ବୋର୍ଡ ସୃଷ୍ଟି ହୋଇଅଛି । ମାନ୍ୟବର ଓଡିଶାର ମୁଖ୍ୟମନ୍ତ୍ରୀ ଏହାର ସଭାପତି ଅଟନ୍ତି ।

**11.2 ପୂର୍ବତନ ସାମରିକ କର୍ମଚାରୀଙ୍କ କଲ୍ୟାଣ :**

**ନିମ୍ନରେ ସବିଶେଷ ବିବରଣୀ ପ୍ରଦତ୍ତ :**

***i) 13*** ଜଣ ପୂର୍ବତନ ସାମରିକ କର୍ମଚାରୀଙ୍କୁ ରାଜ୍ୟ ସୈନିକ ବୋର୍ଡ ମାଧ୍ୟମରେ ଚାକିରୀ ସହାୟତା ନିମ୍ନମତେ ଯୋଗାଇ ଦିଆଯାଇଛି :

| | | |
|---|---|---|
| ଜାତୀୟକରଣ ବ୍ୟାଙ୍କ | ... | *12* |
| ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା | ... | 1 |
| **ମୋଟ୍ :-** | | **13** |

***ii)*** ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାଗନେଇଥିବା *107* ଜଣ ପୁରୁଖା ସାମରିକ କର୍ମଚାରୀ ତଥା ବିଧବା ମାନଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ କରାଯାଇଛି ଏବଂ ସେମାନଙ୍କର ବକେୟା ପ୍ରାପ୍ୟ ସହିତ ସମୁଦାୟ *4,59,051* ଟଙ୍କା ପ୍ରଦାନ କରାଯାଇଛି ।

***iii) 315*** ଜଣ ପୂର୍ବତନ ସାମରିକ କର୍ମଚାରୀଙ୍କୁ ପତିତ ଜମି ପାଇବାପାଇଁ ରାଜ୍ୟ ସୈନିକ ବୋର୍ଡଦ୍ୱାରା ଯୋଗ୍ୟତାସୂଚକ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

***iv)*** ଜଣେ ପୂର୍ବତନ ସାମରିକ କର୍ମଚାରୀଙ୍କୁ ବାସଗୃହ ମରାମତି କରିବାପାଇଁ କେନ୍ଦ୍ରୀୟ ସୈନିକ ବୋର୍ଡ ନୂଆଦିଲ୍ଲୀ ଦ୍ୱାରା ମୋଟ *10,000* ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି ।

***v) 11***ଜଣ ପୂର୍ବତନ ସାମରିକ କର୍ମଚାରୀଙ୍କୁ ତାଙ୍କ ଝିଅ ବିବାହ ନିମିତ୍ତ କେନ୍ଦ୍ରୀୟ ସୈନିକ ବୋର୍ଡ *88,000* ଟଙ୍କା ମଞ୍ଜୁର କରିଛନ୍ତି ।

***vi)*** ପୂର୍ବତନ ସାମରିକ କର୍ମଚାରୀମାନଙ୍କର *123* ଜଣ ପିଲାଙ୍କୁ ମେଧାବୃତ୍ତି ବାବଦରେ *3,39,000* ଟଙ୍କା ପ୍ରଦାନ କରାଯାଇଛି ।

***vii)*** ଏହି ବର୍ଷ *12* ଜଣ ପୂର୍ବତନ ସାମରିକ କର୍ମଚାରୀ/ ବିଧବାମାନଙ୍କୁ ନିରାଶ୍ରୟ ଭତ୍ତା ବାବଦରେ *7,200* ଟଙ୍କା ପ୍ରଦାନ କରାଯାଇଛି ।

***viii)*** ଏହି ବର୍ଷ *25* ଜଣ ପୂର୍ବତନ ସାମରିକ କର୍ମଚାରୀଙ୍କ ମୃତ୍ୟୁପରେ ସେମାନଙ୍କ ନିକଟତମ ସମ୍ପର୍କୀୟଙ୍କୁ ଶୁଦ୍ଧିକ୍ରିୟା ସମାପନପାଇଁ *50,000* ଟଙ୍କା ପ୍ରଦାନ କରାଯାଇଛି ।

***ix)*** ଦୃଷ୍ଟିଶକ୍ତି ହରାଇଥିବା ଜଣେ ପୂର୍ବତନ ସାମରିକ କର୍ମଚାରୀଙ୍କୁ ଆଜୀବନ ଅନୁଦାନ ବାବଦକୁ ମାସିକ ଏକଶହ ଟଙ୍କା ହିସାବରେ ପ୍ରଥମ *୬* ମାସ ପାଇଁ *600* ଟଙ୍କା ପ୍ରଦାନ କରାଯାଇଛି ।

**11.3 ସାମରିକ ବାହିନୀ ପତାକା ଦିବସ ପାଳନ ଉତ୍ସବ, *2003* :**

**11.3.1** ଏହି ବର୍ଷ ସାମରିକ ବାହିନୀ ପତାକା ଦିବସ ପାଳନ ଉତ୍ସବ ଉପଲକ୍ଷେ *9,97,100* ପ୍ରତୀକ ପତାକା ଓ *8,000* କାର୍ ପତାକା କେନ୍ଦ୍ରୀୟ ସୈନିକ ବୋର୍ଡ୍‌ରୁ ସଂଗୃହୀତ ହୋଇ ବିଭିନ୍ନ ସରକାରୀ ବିଭାଗ, ବେସରକାରୀ ଅନୁଷ୍ଠାନ ଓ ଅନ୍ୟାନ୍ୟ ସଂସ୍ଥା ମଧ୍ୟରେ ବଣ୍ଟନ କରାଯାଇଥିଲା । ଏପର୍ଯ୍ୟନ୍ତ ସେ ସବୁର ବିକ୍ରୟ ବାବଦକୁ ମୋଟ୍ *6,17,453* ଟଙ୍କା ଆଦାୟ ହୋଇଅଛି ।

# ଦ୍ୱାଦଶ ଅଧ୍ୟାୟ

**12. ରାଜ୍ୟ ଅତିଥି ଭବନ :**

**12.1** ରାଜ୍ୟ ଅତିଥି ଭବନରେ *58*ଟି ପ୍ରକୋଷ୍ଠ ରହିଛି । ଅତିଥି ଦିବସ ଅନୁସାରେ ଏହାର ବାର୍ଷିକ ଧାରଣ ଶକ୍ତି *21,170* । *2004-2005* ବର୍ଷରେ *12,062* ଅତିଥିଙ୍କର ଚର୍ଚ୍ଚା କରାଯାଇଛି ଓ ଦଖଲ ହାର ଧାରଣ ଶକ୍ତିର *57.62%* ଥିଲା । *2004-2005* ବର୍ଷରେ ରାଜସ୍ୱ ବାବଦକୁ *16,62,535* ଟଙ୍କା ଆଦାୟ ହୋଇଥିଲା ।

**12.2** *2004-2005* ବର୍ଷ ମଧ୍ୟରେ ରାଜ୍ୟ ଅତିଥି ଭବନରେ ୯ଟି ରାଜ୍ୟ ଅତିଥି-ସମାବେଶ ଓ *28*ଟି ସରକାରୀ ଅତିଥି-ସମାବେଶ ଅନୁଷ୍ଠିତ ହୋଇଥିଲା ।

**13. ଓଡିଶା ଭବନ/ ଓଡିଶା ନିବାସ, ନୂଆଦିଲ୍ଲୀ :**

**13.1** ନୂଆଦିଲ୍ଲୀସ୍ଥ ପ୍ରମୁଖ ଆବାସିକ କମିଶନର, ଓଡିଶା ସରକାରଙ୍କ ତରଫରୁ ଭାରତ ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ, ପ୍ରତିଷ୍ଠାନ ଓ ସଂସ୍ଥା ସହିତ

ଯୋଗାଯୋଗ ଓ ସମନ୍ୱୟ ରକ୍ଷା କରିଥାନ୍ତି । ଏହାଛଡା ମହାମାନ୍ୟ ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ବିଧାନସଭାର ବିଭିନ୍ନ କମିଟିର ପରିଦର୍ଶନକାଳରେ ବିଭିନ୍ନ ମନ୍ତ୍ରଣାଳୟ ଓ ସରକାରୀ ସଂସ୍ଥାସହ ସମନ୍ୱୟ ରକ୍ଷା କରାଯାଏ ।

**13.2** ତା. *01.04.2004* ରିଖରେ ନୂଆଦିଲ୍ଲିସ୍ଥିତ ମାଭଲଙ୍କର ଗୃହରେ ଓଡିଶା ଭବନ ଦ୍ୱାରା ଉତ୍କଳ ଦିବସ ପାଳିତ ହୋଇଯାଇଛି ଏବଂ ତା. *22.11.2004* ରିଖରେ ନୂଆଦିଲ୍ଲିସ୍ଥିତ ପ୍ରଗତି ମଇଦାନରେ ଓଡିଶା ଦିବସରେ ମଧ୍ୟ ଅଂଶଗ୍ରହଣ କରାଯାଇଛି ।

**13.3** ଏପ୍ରିଲ, *2004* ଠାରୁ ଜାନୁଆରୀ, *2005* ମଧ୍ୟରେ *4,156* ଜଣ ଅତିଥିଙ୍କୁ ଓଡିଶା ଭବନ/ଓଡିଶା ନିବାସ ରେ ଆତିଥ୍ୟତା ଦିଆଯାଇ ଘରଭଡା, ଟେଲିଫୋନ୍ ଓ କାର୍ ଯୋଗାଇ ଦିଆଯାଇ ସେ ବାବଦକୁ *38,98,071* ଟଙ୍କା ଆଦାୟ କରାଯାଇଛି ।

**13.4** ନୂଆଦିଲ୍ଲୀସ୍ଥିତ ଓଡିଶା ସରକାରଙ୍କ ସମସ୍ତ କାର୍ଯ୍ୟାଳୟକୁ ଏକତ୍ରୀକରଣ କରିବାପାଇଁ ଓଡିଶା ନିବାସଠାରେ ଏକ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା କାର୍ଯ୍ୟ ଆରମ୍ଭ କରାଯାଇଅଛି ।

**13.5** ଅତିଥିମାନଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ନିମନ୍ତେ ପର୍ଯ୍ୟାୟକ୍ରମେ ଓଡିଶା ନିବାସର କୋଠରୀ ମାନଙ୍କରେ ଓ ଓଡିଶା ଭବନର ଖାଇବା ଗୃହର ପୁନଃରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି ।

***14. ଉତ୍କଳ ଭବନ, କୋଲକତା :***

*14.1* କୋଲକତାସ୍ଥିତ ଉତ୍କଳ ଭବନରେ *68*ଟି ଶଯ୍ୟା ଅଛି । ଅତିଥି ଦିବସ ଅନୁସାରେ ଏହାର ଧାରଣ ଶକ୍ତି *24,888* ଅଟେ । *2004-2005* ବର୍ଷ ମଧ୍ୟରେ *9,268* ଜଣ ଅତିଥିଙ୍କ ସତ୍କାର କରାଯାଇଥିଲା ଓ *7,885* ଟଙ୍କା ବକେୟା ଦେୟ ସମେତ ସମୁଦାୟ *12,76,458* ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା ।

ଉତ୍କଳ ଭବନରେ *2* ଗୋଟି ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ଓ *5* ଗୋଟି ସାଧାରଣ ଶୀତତାପ ନିୟନ୍ତ୍ରିତ ଦୁଇ ଶଯ୍ୟା ବିଶିଷ୍ଟ ପ୍ରକୋଷ୍ଠ ରହିଅଛି ।

**- O -**

OGP—MP—PTS (Home) 34—450—10-3-2005